ବର୍ଷ-୨୫, ସଂଖ୍ୟା-୧୯୭
ଭୁବନେଶ୍ୱର
୨୪, ଜୁଲାଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 197
Bhubaneswar
24, July, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ସାଇ ସୁଦର୍ଶନଙ୍କ ପ୍ରଥମ ଅର୍ଦ୍ଧଶତକ

# ମଠ ଓ ମନ୍ଦିରର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ମା' ତାରିଣୀ, ମା' ବିରଜା ଓ ଏକାମ୍ର କ୍ଷେତ୍ରର ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୨୩।୭(ମହାଭାରତ): ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା ତାରିଣୀ ପୀଠ, ଯାଜପୁର ମା ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ସମୀକ୍ଷା ବୈଠକରୁ ଜଣାପଡ଼ିଛି ଯେ, ଘଟଗାଁ ମା ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି । ଅଢେଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଘଟଗାଁ ମା ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି । ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଘଟଗାଁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁରର ମା ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି । ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ



ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି । ଅରହୁରି ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବ ପୀଠ । ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଏ ସବୁ ମନ୍ଦିର ଗୁଡିକର ଉନ୍ନତିକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଥିଲେ ।

ଏହି ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

ଭୁବନେଶ୍ୱର, ୨୩।୭(ମହାଭାରତ): ଭିଜିଲାନ୍ସ ଜାଲରେ ବିଏମସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ । ଆୟ ବହିର୍ଭୁତ ସଂପତ୍ତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ବିଏମସିର କାର୍ଯ୍ୟନିର୍ବାହୀ ଇଂଜିନିୟର ଜଗନ୍ନାଥ ପଟ୍ଟନାୟକ । ଆୟ ବହିର୍ଭୁତ ସଂପତ୍ତି ଠୁଳ ଅଭିଯୋଗରେ ୪ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ । ଭୁବନେଶ୍ୱର ବଡ଼ଗଡ଼ ବାସଭବନ ସମେତ ୪ଟି ସ୍ଥାନ ଯଥା ବାଲିଅନ୍ତା ତହସିଲ ସ୍ଥିତ ରଣପୁର ଫାର୍ମ ହାଉସ, ରାୟଗଡା ଜିଲ୍ଲାର ପୈତୃକ ଘର, ରାୟଗଡା ଗୁଣୁପୁରର ଅନ୍ୟ ୨ଟି ସ୍ଥାନରେ ଚଢାଉ ହୋଇଛି । ଚଢାଉ ବେଳେ ଏନଜିକ୍ୟୁଟିଭ୍ ଇଂଜିନିୟରଙ୍କର ଅମାପ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ । ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଥିବା କଥା ସାମ୍ନାକୁ ଆସିଛି । ଭୁବନେଶ୍ୱର ବଡ଼ଗଡ଼ ଥିବା ତାଙ୍କର ତିନି ମହଲା କୋଠାଟି ୪୫୬୦ ବର୍ଗଫୁଟ ଜାଗାରେ ନିର୍ମିତ ହୋଇଛି । ଗୁଣୁପୁରରେ ତାଙ୍କର ଗୋଟିଏ ଦୁଇ ମହଲା ଘର ଅଛି । ସେହିପରି ତାଙ୍କର ୩ଟି ଦାମୀ ଫ୍ଲାଟ୍ ଅଛି । ସେଥିରୁ ୨ଟି ଭୁବନେଶ୍ୱରର ବଡ଼ଗଡ଼ ଅଞ୍ଚଳରେ ଓ ଅନ୍ୟଟି ଖଣ୍ଡଗିରି ଅଞ୍ଚଳରେ ରହିଛି ।

ଶ୍ରୀ ପଟ୍ଟନାୟକଙ୍କଠାରୁ ଗୋଟିଏ ହଳ ହରିଣ ଶିଙ୍ଗ ଓ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ତାଙ୍କ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ତାଙ୍କର ବ୍ୟାଙ୍କ ଓ ବୀମା ଜମା ସହିତ ମ୍ୟୁଚୁଆଲ ଫଣ୍ଡ ନିବେଶର ମୂଲ୍ୟ ୮୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ବୋଲି ଭିଜିଲାନ୍ସ ହିସାବ କରିଛି । ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି ଓ ୨ଟି ଦୁଇ ଚକିଆ ଗାଡ଼ି ରହିଛି । ଜବତ ନଗଦ ଓ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ



କୁହାଯାଇଛି । ଅନ୍ୟପଟେ ବାଲିଅନ୍ତା ତହସିଲ ସ୍ଥିତ ରଣପୁର ମୌଜା ଅଂଚଳରେ ୧.୫୭ ଏକରର ଫାର୍ମ ହାଉସ ରହିଛି । ଏହି ଫାର୍ମ ହାଉସରେ ତାଙ୍କର ଦୁଇଟି ଘର ଅଛି । ସେଥିରୁ ଗୋଟିଏ ଦୁଇ ମହଲା ବିଶିଷ୍ଟ ତା ସହିତ ଏକ ମାଛ ପୋଖରୀ ଅଛି । ଏହି ଫାର୍ମହାଉସରେ ସେ ନଡ଼ିଆ, କଦଳୀ, ଡ୍ରାଗନ ଫ୍ରୁଟ୍, ପିଜୁଳି, ଲେମ୍ବୁ, ଆମ୍ବ, ବ୍ଲାକ୍‌ବେରୀ ଓ ରକ୍ତ ଚନ୍ଦନ ଭଳି ଗଛ ଲଗାଇଛନ୍ତି । ଏଠାରେ ଗୋଟିଏ କୁକୁଡ଼ା ଫାର୍ମ ମଧ୍ୟ ଅଛି ସେଥିରେ ଏବେ ୧୫ଟି କୁକୁଡ଼ା ଅଛନ୍ତି । ମାଛ ପୋଖରୀ, ନଡ଼ିଆ ଗଛ, ଫଳ ବଗିଚା, କୁକୁଡ଼ା ଫାର୍ମର ମୂଲ୍ୟ ଆକଳନ କରୁଛି । ଖାଲି ସେତିକି ନୁହେଁ ଏହି କୁବେର ଇଂଜିନିୟରଙ୍କ ଖଣ୍ଡଗିରି ଅଂଚଳରେ ଏକ ତିନିମହଲା କୋଠା ଘର ରହିଥିବା ବେଳେ ବଡ଼ଗଡ଼ ବ୍ରିଟ ଅଂଚଳର ଏହି ପିଆର ୧୨ ନମ୍ବର ନିଜସ୍ୱ ଘର ସହ ଆଉ ଏକ ଘର ଥିବାର ମଧ୍ୟ ସୂଚନା ଦେଇଛି ଭିଜିଲାନ୍ସ । ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ୱାରେଂଟ ବଳରେ ଭୁବନେଶ୍ୱର ଓ ଗୁଣୁପୁରର ୪ଟି ସ୍ଥାନରେ ଏକସଙ୍ଗରେ ଚଢାଉ କରାଯାଇଛି । ଏହି ରେଡ଼୍‌ରେ ୬ଜଣ ଡିଏସପି, ୧୦ ଇନସପେକ୍ଟର ଓ ଅନ୍ୟ ସହଯୋଗୀ ଷ୍ଟାଫ୍ ମାନେ ସାମିଲ ଅଛନ୍ତି । ୧୯୯୨ରେ ସରକାରୀ ଚାକିରି ଆରମ୍ଭ କରିଥିଲେ ଶ୍ରୀ ପଟ୍ଟନାୟକ । ସେ ରାୟଗଡ଼ା ଜିଲ୍ଲା ଗୁଣୁପୁର ଏନ୍‌ଏସିରୁ ତାଙ୍କ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ । ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସେଠାରେ ସେ ୨୦୦୬ ପର୍ଯ୍ୟନ୍ତ ରହିଥିଲେ । ସେହି ବର୍ଷ ସେ ଆସିଷ୍ଟାଣ୍ଟ ଇଞ୍ଜିନିୟର ବା ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ବ୍ରହ୍ମପୁର ମ୍ୟୁନିସିପାଲିଟିକୁ ଆସିଥିଲେ । ୨୦୧୧ରେ ତାଙ୍କର ବଦଳି ହୋଇଥିଲା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ । ୨୦୧୬ରେ ସେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ବିଏମ୍‌ସିରେ ରହିଥିଲେ । ୨୦୨୪ ଅକ୍ଟୋବର ମାସରେ ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଏବେ ସୁଦ୍ଧା ବିଏମ୍‌ସିରେ କାର୍ଯ୍ୟ କରୁଛନ୍ତି ।

# ମହାନଦୀ ଜଳବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨୩।୭(ମହାଭାରତ): ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ । ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ । ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା । ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି ।

ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ ।

# ୫୬ ନୂଆ କୋର୍ଟକୁ ମିଳିଲା ଅନୁମୋଦନ

**ଭୁବନେଶ୍ୱର, ୨୩।୭(ମହାଭାରତ):** ରାଜ୍ୟରେ ୫୬ଟି ନୂଆ କୋର୍ଟକୁ ଅନୁମୋଦନ ମିଳିଛି । ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ରହିଛି । ଏହି ଜିଲ୍ଲାର ବଡ଼ସାହି, ବାଙ୍ଗିରିପୋଷୀ, ଶୁଳିଆପଦା, ଖୁଣ୍ଟା, ଗୋପବନ୍ଧୁ ନଗର, ରାଇରଙ୍ଗପୁର କପ୍ତିପଦା, ସୁକ୍ରୁଲି, ଜାମଦା, ବିଜାତୋଳା, ତିରିଙ୍ଗ ଓ କୁସୁମୀ ଠାରେ ନୂଆ କୋର୍ଟକୁ ମିଶାଇ ମୋଟ ୧୩ଟି ନୂଆ କୋର୍ଟ ସ୍ଥାପନ କରାଯିବ । ମଞ୍ଜୁରୀପ୍ରାପ୍ତ ପଦବୀଗୁଡ଼ିକ ମଧ୍ୟରେ ୫୬ଟି ସିଭିଲ୍ ଜଜ୍, ମୁଖ୍ୟ କ୍ଲର୍କ, ବେଞ୍ଚ କ୍ଲର୍କ, ଷ୍ଟେନୋଗ୍ରାଫର, ଜୁନିଅର କ୍ଲର୍କ ଏବଂ କମ୍ପ୍ୟୁଟର ଦକ୍ଷତାରେ ଦକ୍ଷ ଟାଇପିଷ୍ଟ, କପିଷ୍ଟ, ପ୍ରୋସେସ୍ ସର୍ଭର, ପିଅନ୍, ହାଉସ୍ ଅର୍ଡରଲି, ସୁଇପର୍ ଏବଂ ନାଇଟ୍ ୱାଚମ୍ୟାନ୍ ଭଳି ବିଭିନ୍ନ ସହାୟକ କର୍ମଚାରୀଙ୍କ ସମେତ ପ୍ରମୁଖ ପଦବୀ ଅନ୍ତର୍ଭୁକ୍ତ । ଏହି ନୂତନ ଭାବରେ ସୃଷ୍ଟି ହୋଇଥିବା ପଦବୀ ପାଇଁ ପାଣ୍ଠି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟରୁ ଆଦାୟ କରାଯିବ । ଆଇନ ବିଭାଗ ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଏକ ଚିଠି ଲେଖିଛନ୍ତି । ସେହିପରି, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଦୁଇଟି ଲେଖାଏଁ ନୂଆ କୋର୍ଟ ସ୍ଥାପନ କରାଯିବ । ୨୩ ଜିଲ୍ଲାରେ ନୂଆ କୋର୍ଟ ସ୍ଥାପନ ହେବା ଫଳରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି । ରାଜ୍ୟ ସରକାର ସିଭିଲ୍ ଜଜ୍ (ଜୁନିୟର ଡିଭିଜନ)-କମ୍-ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ ସ୍ତରରେ ୫୬ଟି ନୂତନ କୋର୍ଟ ପାଇଁ ବିଭିନ୍ନ ବର୍ଗରେ ୮୪୦ଟି ନୂତନ ପଦବୀ ସୃଷ୍ଟି କରିବେ ।

# ବଜ୍ରପାତ ନେଲା ୯ ଜୀବନ

**ଭୁବନେଶ୍ୱର, ୨୩।୭(ମହାଭାରତ):** ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି ମୃତକଙ୍କ ମଧ୍ୟରେ ଦୁଇ ଭାଇ ମଧ୍ୟ ଅଛନ୍ତି । ମୃତକମାନଙ୍କ ମଧ୍ୟରେ ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦୁଝର ଓ ଗଂଜାମ ଜିଲ୍ଲାର ମହିଳା, ଚାଷୀ ଓ ଶ୍ରମିକ ସାମିଲ ଅଛନ୍ତି । ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମହୁଲପଡ଼ା ନିକଟରେ କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତର ଅନନ୍ତପୁର ଅଞ୍ଚଳର ଶ୍ରମିକମାନେ ଏକ ପଥର ଖାଦାନରୁ କାମ ସାରି ଘରକୁ ଫେରୁଥିଲେ । ଅପରାହ୍ନରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା । ସେମାନେ ପାଖରେ ଥିବା ଏକ ଗଛମୂଳେ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରପାତ ହେବାରୁ କମଳକାନ୍ତ ଓ ନରେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଗୁରୁତର ଆହତମାନେ ହେଉଛନ୍ତି ମିଥୁନ କିସ୍କୁ ଓ ଦିବା ଯାରିକା ।

ସେହିପରି ଅନୁଗୁଳ ଜିଲ୍ଲାର ୨ ଜଣ ଚାଷୀଙ୍କ ମୃତ୍ୟୁ ହୋଇଛି । ବିଲରେ କାମ କରିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ଅନୁଗୁଳ ସଦର ଥାନା ଅନ୍ତର୍ଗତ ନତଡ଼ା ଗ୍ରାମରେ ହରିହର ସାହୁ(୫୦)ଙ୍କ ମୃତ୍ୟୁ ହୋଇଛି । ସେ ତାଙ୍କ ପତ୍ନୀଙ୍କ ସହ ଅପରାହ୍ନରେ ବିଲରେ କାମ କରୁଥିଲା । ସମୟରେ ବଜ୍ରପାତ ହୋଇଥିଲା । ଅନ୍ୟପକ୍ଷରେ ଛେଣ୍ଡିପଦା ବ୍ଲକ୍ ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗ୍ରାମର ଛୋଟବେରେଣୀ ଗାଁରେ ବଜ୍ରାଘାତରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି । ଅପରାହ୍ଣ ପ୍ରାୟ ୪ଟା ବେଳକୁ କଙ୍କରେଇ ଗ୍ରାମର ପଙ୍କଜ ନାଏକ(୩୦) ବିଲରେ ଚାଷ କରୁଥିଲେ । ଏହି ସମୟରେ ବର୍ଷା ଘଡ଼ଘଡି ସହିତ ବଜ୍ରପାତ ହୋଇଥିଲା ଘଟଣାସ୍ଥଳରେ ପଙ୍କଜଙ୍କ ମୃତ୍ୟୁ ହୋଇଛି । ବଜ୍ରପାତରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ କଅଁଳପଡ଼ା ଗ୍ରାମର ସାଗର ବେହେରାଙ୍କ ମୃତ୍ୟୁ ଘଟିଛି । ଧାନ କ୍ଷେତରେ ସେ ତଳି ଉପାଡୁ ଥିବାବେଳେ ବିଜୁଳି ମାରିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡେଲାଙ୍ଗ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

ସେହିଭଳି ବଜ୍ରପାତରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ହଳଦିଆପଦାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । କଟକ ଜିଲ୍ଲା ଚୌଦ୍ୱାରର ବ୍ରହ୍ମପୁର ପଞ୍ଚାୟତର କାଞ୍ଜିଆ ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଶିଖରପୁର ଗାଁରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ଖାରିଗୁଡ଼ା ଗାଁରେ ଗାଈ ଚରାଉଥିବା ବେଳେ ବଜ୍ରପାତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ।

# ଆଉ ଦୁଇଟି ବାଟାଲିଅନ ଗଠନକୁ ମଞ୍ଜୁରୀ

ଭୁବନେଶ୍ୱର, ୨୩।୭(**ମହାଭାରତ.**): ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଦୁଇଟି ବାଟାଲିଅନ ଗଠନ କରାଯିବ । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି । ଏହି ଦୁଇଟି ନୂତନ ବାଟାଲିଅନ ପାଇଁ ସମୁଦାୟ ୨୦୮୦ ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି । ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ ଟି ପଦବୀ ଆଉଟସୋର୍ସିଙ୍ଗ ଭିତ୍ତିରେ ସୃଷ୍ଟି କରାଯାଇଛି ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଓଆଇଏସଏଫରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଥିଲା । ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ । ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଏପ୍ରିଲ ମାସରେ ଗୋଟିଏ ନୂଆ ବାଟାଲିଅନ ସୃଷ୍ଟି କରିଥିଲେ । ଏହାଦ୍ୱାରା ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରୁଥିଲା ଏବଂ ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା । ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ' ରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀ ସୃଷ୍ଟି ହେଲା ।



ସୂଚନାଯୋଗ୍ୟ ଯେ, ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି । ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା ୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ଦୁଇଟି ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି ।

# ୨୧୦ କଲେଜ କର୍ମଚାରୀଙ୍କ ଦରମା ବନ୍ଦ

**କଟକ, ୨୩।୭ (ମହାଭାରତ):** କଟକ ଜିଲ୍ଲାରେ ଥିବା ବିଭିନ୍ନ କଲେଜରେ ଆଇସିସି କମିଟି ରିପୋର୍ଟ ଦାଖଲ କରିବାକୁ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ ୨୧୦ଟି କଲେଜର କର୍ମଚାରୀ ମାନଙ୍କର ଦରମା ବନ୍ଦ କରିବା ପାଇଁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଏହା ପରେ କଲେଜର ଅଧ୍ୟକ୍ଷ ମାନଙ୍କୁ ସସ୍‌ପେଣ୍ଡ କରାଯିବ ବୋଲି କଡା ତାଗିଦ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ରିପୋର୍ଟ ଦାଖଲ କରିନଥିବାରୁ ଉକ୍ତ କଲେଜ ଗୁଡିକ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲାର ୨୧୦ଟି କଲେଜକୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ରିପୋର୍ଟ ମଗାଯାଇଥିଲା । ଏହା ସହ ଅଭିଯୋଗକାରିଣୀଙ୍କ ଯୋଗାଯୋଗ ଠିକଣା ସହ ମୁଖ୍ୟଙ୍କ ହସ୍ତାକ୍ଷର ମଗାଯାଇଥିଲା । ହେଲେ ଅଧାରୁ ଅଧିକ କଲେଜ ଚିଠିର ଉତ୍ତର ଦେଇନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ଣ୍ଣାଙ୍ଗ ଆଇସିସି ରିପୋର୍ଟ ନ ଆସିଲେ କଲେଜ ଅଧ୍ୟକ୍ଷ ସସପେଣ୍ଡ ହେବେ ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଡା ନିର୍ଦ୍ଦେଶ ଦେଇଛନ୍ତି ।

ବାଲେଶ୍ୱର ଏଫଏମ କଲେଜର ପୀଡିତା ଛାତ୍ରୀଙ୍କ ଆତ୍ମାହୁତି ପରେ କଲେଜ ଗୁଡିକରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି କେତେ କାର୍ଯ୍ୟକ୍ଷମ ରହିଛି, ସେ ନେଇ ତଦନ୍ତ ଆରମ୍ଭ ହୋଇଛି । ଏଫଏମ କଲେଜର ପୀଡିତା ଛାତ୍ରୀ ଆଇସିସିରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥାକୁ ଗୁରୁତର ସହ ନିଆ ଯାଇନଥିଲା ।

## ସବୁ ସ୍କୁଲରେ ଲାଗିବ ସିସିଟିଭି

ଭୁବନେଶ୍ୱର, ୨୩।୭(ମହାଭାରତ): ସିବିଏସଇ ଭଳି ରାଜ୍ୟର ସବୁ ସ୍କୁଲରେ ଲାଗିବ ସିସିଟିଭି କ୍ୟାମେରା । ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ବିଚାର ବିମର୍ଶ ଚାଲିଛି ଓ ଏନେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି, ବିଭାଗ ଏହି ଯୋଜନା ଉପରେ ସକ୍ରିୟ ଭାବରେ ଆଲୋଚନା କରୁଛି ଏବଂ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟ କରୁଛି ଏହା ବ୍ୟତୀତ, ସରକାର ପୋଶ (ଯୌନ ନିର୍ଯ୍ୟାତନା ନିବାରଣ) ଆଇନର ବ୍ୟବସ୍ଥା ଅନୁଯାୟୀ, ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗ-ଭିତ୍ତିକ ଭେଦଭାବ ମାମଲାଗୁଡ଼ିକର ସମାଧାନ ପାଇଁ ସମସ୍ତ ସ୍କୁଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପାହାଡ଼ ଉପରେ ଫସିଲେ ୧୭ ପର୍ଯ୍ୟଟକ

**ପଦ୍ମପୁର, ୨୩।୭(ମହାଭାରତ):** ବରଗଡ଼ ଜିଲାର ପଦ୍ମପୁର ନିକଟସ୍ଥ କପିଳଧାରା ଜଳପ୍ରପାତ ନିକଟରେ ପାହାଡ଼ ଉପରେ ୧୭ ଜଣ ଛତିଶଗଡ଼ି ପର୍ଯ୍ୟଟକ ଫସି ରହିଛନ୍ତି । ପ୍ରବଳ ବର୍ଷା ଯୋଗୁଁ ବାଟ ଭୁଲି ଏହି ପର୍ଯ୍ୟଟକମାନେ ନରସିଂହନାଥଠାରୁ ପାଖାପାଖି ୫ କିଲୋମିଟର ଦୂରରେ ଥିବା ଏହି ଜଳପ୍ରପାତ ନିକଟରେ ଫସିପଡ଼ିଛନ୍ତି ।

ଏ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଜିଲା ପ୍ରଶାସନ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛିୟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଫୋର୍ସ (ଡିଏଫ୍), ପୋଲିସ, ଅଗ୍ନିଶମ ବାହିନୀ ଏବଂ ବନ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବର୍ଷା ଓ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲେ ମଧ୍ୟ, ସମସ୍ତ ପର୍ଯ୍ୟଟକଙ୍କୁ ନିରାପଦରେ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଛି । ଛତିଶଗଡ଼ର ଏକ ପର୍ଯ୍ୟଟକ ଦଳ ନରସିଂହନାଥ ମନ୍ଦିର ଦର୍ଶନ ସହ କପିଳଧାରା ଜଳପ୍ରପାତ ଦେଖିବା ପାଇଁ ଆସିଥିଲେ । ମଙ୍ଗଳବାର ଦିନ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ିଆ ବାଟ କାଦୁଅ ଓ ବିପଜ୍ଜନକ ହୋଇପଡ଼ିଥିଲା । ଏହି ସମୟରେ ପର୍ଯ୍ୟଟକମାନେ ବାଟ ହଜି ପାହାଡ଼ ଉପରେ ଫସି ରହିଥିଲେ । ସ୍ଥାନୀୟ ଲୋକଙ୍କ ସୂଚନା ପରେ ପ୍ରଶାସନ ଏହି ଘଟଣା ସମ୍ପର୍କରେ ଜାଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

## ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା

ନୂଆଦିଲ୍ଲୀ, ୨୩।୭(ପିଆଇବି): ନିର୍ବାଚନ ଆୟୋଗ ଉପରାଷ୍ଟ୍ରପତି ଦ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଛି । ବର୍ତ୍ତମାନ ଉପରାଷ୍ଟ୍ରପତି ଜଗଦୀ ଧନଖଡ଼ଙ୍କ ଇସ୍ତଫା ରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଆବଶ୍ୟକ ପ୍ରସ୍ତୁତି ସମ୍ପୂର୍ଣ୍ଣ ହେବା ପରେ ନିର୍ବାଚନ କାର୍ଯ୍ୟସୂଚୀର ଘୋଷଣା କରାଯିବ । ବୁଧବାର ଦିନ ଆୟୋଗ ଜଣାଇଛି ଯେ, ଗୃହ ମନ୍ତ୍ରଣାଳୟ ଦ୍ୱାରା ୨୨ ଜୁଲାଇରେ ଜାରିକୃତ ଏକ ଅଧିସୂଚନାରେ ଜଗଦୀ ଧନଖଡ଼ଙ୍କ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ବିଷୟରେ ଅବଗତ କରାଯାଇଛି । ଆୟୋଗ ସଂବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ଉପରାଷ୍ଟ୍ରପତି ନିର୍ବାଚନ ଆୟୋଜନ କରିବାକୁ ଅଧିକୃତ । ଏହି ନିର୍ବାଚନ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ, ୧୯୫୨ ଓ ତାହା ଅନୁଯାୟୀ ନିର୍ମିତ ନିୟମାବଳୀ ଅନୁଯାୟୀ ହେବ । ଆୟୋଗ ତାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛି । ଏଥିରେ ନିର୍ବାଚକ ମଣ୍ଡଳୀର ପ୍ରସ୍ତୁତି, ରିଟର୍ଣ୍ଣିଂ ଅଫିସର ଏବଂ ସହଯୋଗୀ ରିଟର୍ଣ୍ଣିଂ ଅଫିସରମାନଙ୍କ ନିଯୁକ୍ତି, ପୂର୍ବ ଉପରାଷ୍ଟ୍ରପତି ନିର୍ବାଚନ ସମ୍ବନ୍ଧୀୟ ପୃଷ୍ଠଭୂମି ସାମଗ୍ରୀର ସଂଗ୍ରହ ଓ ବିତରଣ ସାମିଲ ଅଛି । ଭାରତର ଉପରାଷ୍ଟ୍ରପତି ନିର୍ବାଚନ ଏକ ନିର୍ବାଚକ ମଣ୍ଡଳୀ ଦ୍ୱାରା କରାଯାଏ । ଏହି ମଣ୍ଡଳୀରେ ଲୋକସଭା ଓ ରାଜ୍ୟସଭାର ନିର୍ବାଚିତ ଏବଂ ମନୋନୀତ ସଦସ୍ୟମାନେ ଅନ୍ତର୍ଭୁକ୍ତ ଥାଆନ୍ତି ।

## ବଲାଙ୍ଗୀ ପୀଡ଼ିତାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦିଲ୍ଲୀଏମ୍ସ ଯାଇ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀ ପୀଡ଼ିତାଙ୍କୁ ଭେଟିଛନ୍ତି । ସେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ନେଇ ଏମ୍ସ ଡାକ୍ତରୀ ଟିମ୍ ସହ ଆଲୋଚାନ କରିବା ସହ ତାଙ୍କ ପରିବାର ଲୋକ ଓ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଗସ୍ତ ସମୟରେ, ତାଙ୍କୁ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରୀ ଦଳ ଏବଂ ବିଶେଷଜ୍ଞମାନଙ୍କ ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ଆଗାମୀ ଦିନରେ ହେବାକୁ ଥିବା ଚିକିତ୍ସା ବିଷୟରେ ଆଲୋଚନା କରିଛନ୍ତି । ପୀଡିତା କିପରି ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିପସି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢ଼ା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

**ଖବର**

## ୪ଦିନରେ ୧୦୦କୋଟି ପାର୍ କଲା 'ସେୟାରା'




'ସେୟାରା' ଝଡ଼ରେ ଫିକା ପଡ଼ିଲେ ସୁପରଷ୍ଟାର। ରିଲିଜ୍ ହେଉ ହେଉ ଅନେକ ବଡ଼ ବଡ଼ ସୁପରଷ୍ଟାର ଓ ସେମାନଙ୍କ ଫିଲ୍ମକୁ ପଛରେ ପକାଇଲେ ବଲିଉଡ କଳାକାର ଆହାନ ପାଣ୍ଡେ ଓ ଅନୀତ ପଡ୍ଡା। ନାମରେ ଖାନ୍ ବା କପୁର ନଥାଇ ବି ପ୍ରେକ୍ଷାୟଳକୁ ଭିଡ଼ ଆଣିବାରେ ସଫଳ ହେଲେ ଆହାନ। ଫିଲ୍ମଟି ଦେଖିବା ପରେ ପ୍ରଶଂସକମାନେ ଭାବପ୍ରବଣ ହୋଇପଡୁଥିବାର ଅନେକ ଭିଡିଓ ସାମ୍ନାକୁ ଆସୁଛି। ଫିଲ୍ମର କାହାଣୀ କେତେ ମାତ୍ରାରେ ପ୍ରଭାବ ପକାଇଛି, ଏହାର ଫିଲ୍ମର ଆୟରୁ ସ୍ପଷ୍ଟ ହୋଇଛି। ମାତ୍ର ୪ଦିନରେ ୧୦୦କୋଟି କ୍ଲବରେ ପ୍ରବେଶ କରିଛି ଏହି ଫିଲ୍ମଯ ଯାହା ଅନ୍ୟ ବଡ଼ ବଜେଟ ଫିଲ୍ମ ବେଳେ ବେଳେ କରିପାରେ ନାହିଁ, ତାହା କରି ଦେଖାଇଛି 'ସେୟାରା'।ଫିଲ୍ମର ବଜେଟ ୬୦କୋଟି ଥିବା ବେଳେ ଏବେ ଫିଲ୍ମ ୧୦୦କୋଟିରୁ ଅଧିକ ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ଫିଲ୍ମଟି ଅକ୍ଷୟ କୁମାରଙ୍କ କେଶରୀ ୨ର ଘରୋଇ ବକ୍ସ ଅଫିସ ସଂଗ୍ରହକୁ ପଛରେ ପକାଇସାରିଛି। ଏବେ ଏହା ଆଲିଆ ଭଟ୍ଟ ଏବଂ ବରୁଣ ଧୱନଙ୍କ ପ୍ରଥମ ଚଳଚ୍ଚିତ୍ର 'ଷ୍ଟୁଡେ□ ଅଫ୍ ଦି ଇୟର' (୭୦କୋଟି) ଏବଂ ଜାହ୍ନବୀ କପୁରଙ୍କ 'ଧଡ଼କ' (୭୩କୋଟି)କୁ ମଧ୍ୟ ପଛରେ ପକାଇଛି।

## ଘରକରଣା

- ଗୋଲାପ ଜାମୁ ନରମ ଏବଂ ଭଲ ହେବା ପାଇଁ ଗୋଲାପଜାମୁ ସାମଗ୍ରୀକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରେସରକୁକରରେ ବସାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ପ୍ରସ୍ତୁତ କରନ୍ତୁ।
- ଦହିବରା ସଫେଦ ଏବଂ ମୁଲାୟମ ହେବାପାଇଁ ଡାଲିରେ କିଛି ମଇଦା ମିଶାନ୍ତୁ।
- ଟମାଟୋ କ୍ୟାଚଅପ ପ୍ରସ୍ତୁତି ସମୟରେ ଟମାଟୋ ସହିତ ଖଟା ଅଙ୍ଗୁର ମିଶାନ୍ତୁ। କ୍ୟାଚଅପ ସ୍ୱାଦିଷ୍ଟ ହେବ।
- ଅଣ୍ଡା ଫେଣ୍ଟିବା ସମୟରେ ସେଥିରେ କିଛି ଲେମ୍ବୁରସ ମିଶାଇଲେ ଆମଲେଟ ଭଲ ହୁଏ। ଯଦି ଏଥିରେ ଦହି ମିଶାଇବେ ଆମଲେଟର ସ୍ୱାଦ ଦ୍ୱିଗୁଣ ହେବ।
- ଇଡ୍‌ଲି ଘୋଳ ଅଧିକ ପତଳା ହୋଇଗଲେ ସେଥିରେ ଭଜା ରାଓ୍ୱା ମିଶାଇ ଦିଅନ୍ତୁ।
- ନିଜର କିଚେନ ଗେଜେଟ୍ସରେ ସର୍ବଦା ଥ୍ରୀପିନ ପ୍ଲଗ ବ୍ୟବହାର କରନ୍ତୁ। କାରଣ ଟୁପିନ ପ୍ଲଗରେ କରେଣ୍ଟ ମାରିବାର ଭୟଥାଏ।



- ଫ୍ରିଜରେ କିଛି ଲୁଣ ପକାଇଦେଲେ ଆଇସଟ୍ରେ ଫ୍ରିଜର ଭିତରେ ଲାଗିଯାଏ ନାହିଁ।
- ବିଜୁଳି ସକେଟ ଏବଂ ଗ୍ୟାସ ଚୁଲା ମଧ୍ୟରେ ସର୍ବଦା ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ।
- ରୋଷେଇ ଘର ଝରକାରେ ଜାଲି ଲଗାନ୍ତୁ। ଫଳରେ ପବନ ପାସ୍ ହେବା ଏବଂ ନିଆଁ ଲାଗିବାର ଭୟ ରହିବ ନାହିଁ।
- ସପ୍ତାହକୁ ଥରେ ନିମ୍ବପତ୍ରକୁ ପାଣିରେ ସିଝାଇ ସେହିପାଣିରେ ଘର ସଫା କରନ୍ତୁ। ଘରର ବିଷାକ୍ତ କୀଟାଣୁ ମରିଯିବେ।
- ବିସ୍କୁଟକୁ ଅଧିକ ଦିନ ସତେଜ ତଥା କୁଡ୍‌କୁଡ୍ ରଖିବା ପାଇଁ ସେଥିରେ କିଛି ଚିନି ପକାଇ ଦିଅନ୍ତୁ।
- କଡିରେ ଲୁଣ ଅଧିକ ହୋଇଗଲେ ସେଥିରେ କିଛି ଜିରାଗୁଣ୍ଡ ଓ ନଡିଆ କାଟି ପକାଇ ଦିଅନ୍ତୁ।

## କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧର୍ନୁଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚର୍ଯ୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରିନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧର୍ନୁଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

## ମହର୍ଷି କପିଳ ଓ ପଞ୍ଚ ରତ୍ନ



ମହର୍ଷି କପିଳ ପ୍ରତିଦିନ ନିଜ ଆଶ୍ରମରୁ ଗଙ୍ଗା ସ୍ନାନ କରିବା ପାଇଁ ଯାଉଥିବା ମାର୍ଗରେ ଏକ ଛୋଟିଆ ଗାଁ ପଡିଥାଏ। ଯେଉଁଠାରେ କିଛି କୃଷକ ପରିବାର ରହୁଥିଲେ। ଯେଉଁ ମାର୍ଗରେ ମହର୍ଷି କପିଳ ସ୍ନାନ କରିବା ପାଇଁ ଯାଉଥିଲେ ସେହି ମାର୍ଗରେ ଜଣେ ବିଧବା ବ୍ରାହ୍ମଣୀର କୁଟିଆ ମଧ୍ୟ ପଡୁଥିଲା। ସେହି ମାର୍ଗରେ ଯିବା ସମୟରେ ସେହି ବିଧବା ବ୍ରାହ୍ମଣୀ ଜଣକ କେବେ ଚରଖା କାଟୁଥିଲେ ତ କେବେ ଧାନ କୁଟିଥିବାର ଦୃଶ୍ୟ। ଦିନେ ବିଚଳିତ ହୋଇ ମହର୍ଷି ଉକ୍ତ ବ୍ରାହ୍ମଣୀଙ୍କୁ ଏହାର କାରଣ ପଚାରିଥିଲେ। ପଚାରିବାରେ ଜଣାପଡିଥିଲା ଯେ, ବ୍ରାହ୍ମଣୀ ଘରେ ତାଙ୍କ ପତିଙ୍କ ବିନା ଆଉ କେହି ରୋଜଗାରିଆ ନଥିଲେ। ପତିଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ।

ବ୍ରାହ୍ମଣୀର ଏହି ଅବସ୍ଥା ଦେଖି କପିଳ ମୁନିଙ୍କର ଦୟା ଆସିଥିଲା ଏବଂ ସେ ବ୍ରାହ୍ମଣୀ ପାଖକୁ ଯାଇ ଦେବୀ! ମୋ ଏଇ ନିକଟରେ ଥିବା ଆଶ୍ରମର କୁଳପତି କପିଳ। ମୋର ଅନେକ ଶିଷ୍ୟ ରହିଛନ୍ତି ଯେଉଁମାନେ କି ରାଜପରିବାର। ଯଦି ତୁମେ ଚାହିଁବ ତେବେ ମୁଁ ତୁମ ରୋଜଗାରର ସ୍ଥାୟୀ ବ୍ୟବସ୍ଥା କରିପାରିବି। ତୁମର ଏହି ଅସହାୟ ଅବସ୍ଥା ମୁଁ ଦେଖି ପାରୁନାହିଁ।

ବ୍ରାହ୍ମଣୀ ହାତଯୋଡ଼ି ମହର୍ଷିଙ୍କ ପ୍ରତି ଆଭାରବ୍ୟକ୍ତ କରି କହିଥିଲା- ମୁନିବର, ଆପଣଙ୍କର ଏହି ଦୟାଳୁତା ମୁଁଆପରଣଙ୍କର କୃତଜ୍ଞ। କିନ୍ତୁ ଆପଣ ମୋତେ ଚିହ୍ନିବାରେ ଭୁଲ୍ କରିଛନ୍ତି। ନା ମୁଁ ଅସହାୟ ନା ନିର୍ଧନ। ଆପଣ ହୁଏତ ଦେଖିନାହାନ୍ତି। ମୋ ପାଖରେ ଏପରି ୫ଟି ରତ୍ନ ରହିଛି ଯେଉଁଥିରେ ମୁଁ ଚାହିଁଲେ ରାଣୀ ପରି ଜୀବନଯାପନ କରିପାରିବି। କିନ୍ତୁ ମୁଁ ଏପର୍ଯ୍ୟନ୍ତ ଏହାର ଆବଶ୍ୟକତା ଅନୁଭବ କରିନାହିଁ । ତେଣୁ ମୁଁ ପାଞ୍ଚ ରତ୍ନକୁ ମୋ ନିକଟରେ ସୁରକ୍ଷିତ ରଖିଛି। କପିଳ ମୁନି ବିଧବା ବ୍ରାହ୍ମଣୀଙ୍କର କଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିଲେ ଦେବୀ! ଯଦି ଆପଣ ଅନୁଚିତ ନ ଭାବିବେ ତେବେ ଆପଣଙ୍କର ପାଞ୍ଚ ଅମୂଲ୍ୟ ରତ୍ନ ମୋତେ ଦେଖାଇପାରିବେ ? ଆପଣଙ୍କ ପାଖରେ ଏପରି କ'ଣ ଅମୂଲ୍ୟ ରତ୍ନ ରହିଛି ତାହା ଦେଖିବାକୁ ଚାହୁଁଛି।

ବ୍ରାହ୍ମଣୀ ଆସନ ବିଛାଇ ମୁନିବରଙ୍କୁ ବସିବାକୁ କହିଲେ। ଏହାପରେ ସେ ମୁନିବରଙ୍କୁ ରତ୍ନ ଦେଖାଇବା ପାଇଁ କହି ଚରଖା କାଟିବାକୁ ଲାଗିଲେ। କିଛି ସମୟରେ ପରେ ବ୍ରାହ୍ମଣୀଙ୍କର ପାଞ୍ଚପୁତ୍ର ବିଦ୍ୟାଳୟରୁ ଫେରିଲେ। ସେମାନେ ଆସି ମହର୍ଷି ଏବଂ ମା'ଙ୍କ ପାଦ ଛୁଇଁ କହିଲେ ମା' ଆମେ ଆଜି ମଧ୍ୟ କାହାକୁ ମିଥ୍ୟା କହିନାହୁଁ। କାହାକୁ କଟୁ ବଚନ କହିନାହୁଁ, ଗୁରୁଦେବ ଯାହା ଶିକ୍ଷା ଦେଲେ ଏବଂ କହିଲେ ଏହାକୁ ପରିଶ୍ରମ ପୂର୍ବକ ପୂରା କଲୁ।

ମହର୍ଷି କପିଳଙ୍କୁ ଆଉ କୌଣସି ଉତ୍ତର ପାଇବା ପାଇଁ ଆବଶ୍ୟକ ପଡ଼ିଲା ନାହିଁ। ସେ ବ୍ରାହ୍ମଣୀଙ୍କୁ ପ୍ରଣାମ କରି କହିଥିଲେ ଦେବୀ! ବାସ୍ତବରେ ଆପଣଙ୍କ ପାଖରେ ଅତି ବହୁମୂଲ୍ୟ ରତ୍ନ ରହିଛି । ଏପରି ଅନୁଶାସିତ ପିଲା ଯେଉଁ ଘରେ ବା ଦେଶରେ ଥିବେ ଆଉ କୌଣସି ଚିନ୍ତା କରିବାକୁ ପଡ଼ିବ ନାହିଁ।

## କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ଓ୍ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ପୂର୍ବାଞ୍ଚଳ ଲେଖକ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୩।୭ (ମହାଭାରତ):** କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଉଦଘାଟିତ ହୋଇଛି। ଉଦଘାଟନୀ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଡକ୍ଟର କୌଶିକ ତାଙ୍କ ଅବିଭାଷଣରେ କହିଥିଲେ ଯେ, ପୂର୍ବାଞ୍ଚଳ ହେଉଛି ସାହିତ୍ୟର ଏକ ଭଣ୍ଡାର। ଏହି ଅଞ୍ଚଳ ଅନେକ ମହାନ ଲେଖକ ସୃଷ୍ଟି କରିଛି। ସମସାମୟିକ ସାହିତ୍ୟ ପରିପ୍ରେକ୍ଷୀରେ ଆମେ ପ୍ରଯୁକ୍ତିବିଦ୍ୟାର ଦାସ ହେବା ପରିବର୍ତ୍ତେ ଏହାକୁ ସାହିତ୍ୟ ପାଇଁ ଏକ ଶକ୍ତିଶାଳୀ ଉପକରଣ ଭାବରେ ବ୍ୟବହାର କରିବା ଉଚିତ। କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇ ଆଞ୍ଚଳିକ ଲେଖକ ସମ୍ମିଳନୀ ଆୟୋଜନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ



ଓଡ଼ିଆ। କବି ହରପ୍ରସାଦ ଦାସ କହିଥିଲେ ଯେ, ଭାରତୀୟ ସାହିତ୍ୟ ଓ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତି ଠାରୁ ବେଶ ଆଗରେ ରହିଛି। ଅନୁବାଦ ଏବଂ ସର୍ଜନାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଚାଟ୍ ଜିପିଟି ଭଳି ଆଧୁନିକ ପ୍ରଯୁକ୍ତିର ଅପବ୍ୟବହାର ସମ୍ପର୍କରେ ସେ ଲେଖକମାନଙ୍କୁ ଅବଗତ କରାଇଥିଲେ। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ପରାମର୍ଶଦାତା ବୋର୍ଡର ସଂଯୋଜକ ଡକ୍ଟର ଗୌରହରି ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଦୟାଲାଲ ଯୋଶୀ (ଓଡ଼ିଆ), ଶୁନ୍ୟରେ ହସ୍ତାକ୍ଷର (ଓଡ଼ିଆ) ଆବୋଥିରା (ବୋଡୋ), ତୋତୋଦେର ଉପୋକଥା (ବଙ୍ଗଳା), ଓତିକ୍ରମ (ଅହମୀୟା) ଏବଂ ଆନ୍ ଇଣ୍ଟ୍ରଡକ୍ସନ ଟୁ ନାଗା ଫୋକ୍ ସଂଗସ୍ (ଇଂରାଜୀ)କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଥମ ଅଧିବେଶନରେ ଅହମୀୟା ଉପଦେଷ୍ଟା ବୋର୍ଡର ସଂଯୋଜକ ଦିଗନ୍ତ ବିଶ୍ୱ ଶର୍ମା ଅଧକ୍ଷତା କରିଥିଲେ। ବର୍ନାଲି ବୋରଗୋହେନ୍ (ଅହମୀୟା), ଅର୍ଣ୍ଣବ ସାହା (ବଙ୍ଗଳା), କୃଷ୍ଣ ମୋହନ ଝା (ମୈଥିଳୀ), ମୋହନ ସୁବେଦୀ (ନେପାଳୀ), ଅପର୍ଣ୍ଣା ମହାନ୍ତି (ଓଡ଼ିଆ) ଏବଂ ଅନପା ମାର୍ଣ୍ଡି (ସାନ୍ତାଳୀ) କବିତା ପାଠ କରିଥିଲେ। ଶ୍ରୀ ବିଶ୍ୱ ଶର୍ମା କବିତାଗୁଡ଼ିକର ସୌନ୍ଦର୍ଯ୍ୟ ଏବଂ ପ୍ରାସଙ୍ଗିକତା ଉପରେ ନିଜର ମତାମତ ଦେଇଥିଲେ। ଶ୍ରୀ ଶର୍ମା ଭାରତୀୟ କାବ୍ୟଶାସ୍ତ୍ରର ସୌନ୍ଦର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କଥାସାହିତ୍ୟ ଲେଖକ ଅଧାପକ ବିଶ୍ୱରଞ୍ଜନ ଅଧକ୍ଷତା କରିଥିଲେ ଏବଂ ବିନାୟକ ବନ୍ଦୋପାଧ୍ୟାୟ (ବଙ୍ଗଳା), ସାଧନା ବ୍ରହ୍ମା (ବୋଡୋ), ଅଶୋକ (ମୈଥିଳୀ) ଏବଂ ଦେବପ୍ରସାଦ ଦାଶ (ଓଡ଼ିଆ) ଗଳ୍ପ ପାଠ କରିଥିଲେ। କାହାଣୀ ଏବଂ କବିତାଗୁଡ଼ିକ ସମସାମୟିକ ସମାଜର ବିବିଧ ସ୍ୱର ସହିତ ନିଜ ନିଜ ଅଞ୍ଚଳର ସଂସ୍କୃତି ଏବଂ ପରମ୍ପରାକୁ ପ୍ରତିଫଳିତ କରିଥାଏ। କାହାଣୀ ଏବଂ କବିତାଗୁଡ଼ିକ ସମସାମୟିକ ସମାଜର ବିବିଧ ସ୍ୱର ସହିତ ନିଜ ନିଜ ଅଞ୍ଚଳର ସଂସ୍କୃତି ଏବଂ ପରମ୍ପରାକୁ ପ୍ରତିଫଳିତ କରିଥିଲା। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ପ୍ରଭାରୀ କ୍ଷେତ୍ରବାସୀ ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆସନ୍ତାକାଲି, ଦୁଇଟି ଅଧିବେଶନରେ ବହୁଭାଷୀ କାହାଣୀ ଏବଂ କବିତା ପାଠ ସହିତ ପୂର୍ବାଞ୍ଚଳ ସାହିତ୍ୟର ସମସାମୟିକ ଧାରା ଉପରେ ଆଲୋଚନା ପାଇଁ ଆଉ ଏକ ଅଧିବେଶନ ଅନୁଷ୍ଠିତ ହେବ।

# ମାନବାଧିକାର ଆଇନ ଉଲ୍ଲଙ୍ଘନ ପୀଡିତଙ୍କୁ ୨୮ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଜାତୀୟ ମାନବାଧିକାର ଆୟୋଗଙ୍କ ଦୁଇ ଦିନିଆ ଜନଶୁଣାଣି ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୧୪୪ଟି ମାମଲାର ଶୁଣାଣି କରାଯିବା ସହିତ ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ପୀଡ଼ିତମାନଙ୍କୁ ପ୍ରାୟ ୨୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି। ଶିବିରରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଅଧକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟନ୍, ସଦସ୍ୟ ନ୍ୟାୟମୂର୍ତ୍ତି (ଡକ୍ଟର) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଜୟା ଭାରତୀ ସାୟାନି ମାମଲାଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମହାସଚିବ, ଭରତ ଲାଲ, ରେଜିଷ୍ଟ୍ରାର (ଆଇନ) ଯୋଗିନ୍ଦର ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀ ଏବଂ ଅଭିଯୋଗକାରୀ ଉପସ୍ଥିତ ଥିଲେ।




ମାନବାଧିକାର ଆୟୋଗ ଏହି ଶିବିରରେ ହାଜତ ମୃତ୍ୟୁ, ସରକାରୀ ଆଶ୍ରୟ ଗୃହରେ ମୃତ୍ୟୁ, ଡାକ୍ତରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ଶିଶୁ ମୃତ୍ୟୁ, ବୁଡ଼ି ଜନିତ ମୃତ୍ୟୁ, ବୁଲା କୁକୁର କାମୁଡ଼ା, ଶିଶୁ ଚଲାଣ, ମୌଳିକ ମାନବିକ ସୁବିଧାରୁ ବଞ୍ଚିତ ହେବା ମାମଲା, ନାବାଳିକା ଦୁଷ୍କର୍ମ, ଅପରାଧ ସମେତ ନାରୀ ନିର୍ଯାତନା, ନିଖୋଜ ବ୍ୟକ୍ତିଙ୍କ ମାମଲା, ପୁଲିସ ଅତ୍ୟାଚାର, ଆତ୍ମହତ୍ୟା ମୃତ୍ୟୁ, ପୁଲିସ ଦ୍ୱାରା ଏଫଆଇଆର ପଞ୍ଜିକରଣ ନ କରିବା, ବିଦ୍ୟୁତ ଆଘାତ ମାମଲା ଇତ୍ୟାଦି ବିଭିନ୍ନ ମାମଲାର ବିଚାର କରିଥିଲେ।

ଏନଏଚଆରସି ଅଧକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟନ୍ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଆୟୋଗ ସହିତ ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ ସଂସ୍ଥାଗୁଡ଼ିକର ନିରନ୍ତର ସହଭାଗୀତା ଦେଶରେ ମାନବାଧିକାରକୁ ସୁଦୃଢ଼ କରିବାରେ ବହୁତ ସାହାଯ୍ୟ କରିବ। ସେମାନଙ୍କୁ ଏହା ମଧ୍ୟ ସୂଚନା ଦିଆଯାଇଥିଲା ଯେ ସେମାନେ ଅନଲାଇନରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଦାଖଲ କରିପାରିବେ। ଆୟୋଗ ରାଜ୍ୟରେ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଭୟ କିମ୍ବା ପକ୍ଷପାତିତା ବିନା ଏପରି କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ।

# କାଳିନ୍ଦୀଚରଣଙ୍କ ସାହିତ୍ୟରେ ମାନବବାଦୀ ଚିନ୍ତାଧାରା ପ୍ରତିଫଳିତ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ସଭାପତି ପୀତବାସ ରାଉତରାୟଙ୍କ ଅଧକ୍ଷତାରେ ସମିତିର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସମିତିର ଉପସଭାପତି ଡକ୍ଟର ପ୍ରେମଲତା ଦେବୀ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସମ୍ଭାର ସମ୍ବନ୍ଧରେ ବିଶଦ ଆଲୋଚନାପୂର୍ବକ ତାଙ୍କ ରଚିତ ଉପନ୍ୟାସ ମାଟିର ମଣିଷ ଓ ତାଙ୍କର କବିତା ଉପରେ ଆଲୋକପାତ କରି ତାଙ୍କୁ ଜଣେ କାଳଜୟୀ ସ୍ରଷ୍ଟାଭାବେ ମନ୍ତବ୍ୟ ରଖିଥିଲେ।

ସାହିତ୍ୟିକା ଡକ୍ଟର ଆରତୀ କର କାଳିନ୍ଦୀ ଚରଣଙ୍କର ସାହିତ୍ୟକୃତିରେ ଗାନ୍ଧୀଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି ମାଟିର ମଣିଷରୁ ଉଦାହରଣ ଦେଇଥିଲେ। ଶ୍ରୀମତୀ ମୀନତି ଷଡଙ୍ଗୀ କାଳିନ୍ଦୀ ଚରଣଙ୍କର ଶିଶୁ ସାହିତ୍ୟରୁ ଉଦାହରଣ ଦେଇ ଶିଶୁମାନଙ୍କୁ ଆଦର୍ଶ ନାଗରିକ ଭାବେ ଗଢ଼ିବା ପାଇଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସୂଚନା ଦେଇଥିଲେ।

ପୌରୁଷର ସମ୍ପାଦକ ଅସିତ ମହାନ୍ତିଙ୍କ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ସହ ସମ୍ପାଦନା କ୍ଷେତ୍ରରେ ଅବଦାନ ଓ ସଙ୍ଗଠନ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ର ମହତ୍ତର ସଦସ୍ୟ ଦାୟିତ୍ୱ ସହ ଆକାଶବାଣୀ କଟକର ପ୍ରଡ୍ୟୁସର ଭାବେ ତାଙ୍କ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେଙ୍ଗ ପ୍ରଶାସକ ସୁକାନ୍ତ ପ୍ରଧାନ କାଳିନ୍ଦୀ ଚରଣ ପୁରାଣଯୁଗର କାହାଣୀ ଦ୍ୱାରା ପ୍ରଭାବିତ ବୋଲି ଉଦାହରଣ ଦେଇଥିଲେ। ରାମ ନାରାୟଣ ମିଶ୍ର କାଳିନ୍ଦୀ ଚରଣଙ୍କ ସହ ବିତାଇଥିବା ସ୍ମରଣୀୟ ଘଟଣା ଉଲ୍ଲେଖ କରି ତାଙ୍କ ସାହିତ୍ୟ ପ୍ରେମର ଉଦାହରଣ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ବିଜୟ ମହାନ୍ତି, ଲଡୁକିଶୋର ପଡ଼ିଆରୀ, ପ୍ରଶାନ୍ତ ବାରିଆ, ପ୍ରଶାସକ ଅଲେଖ ଚନ୍ଦ୍ର ପଢ଼ିଆରୀ, ସିଦ୍ଧାର୍ଥ କାନୁନ୍‌ଗୋ, ସାହିତ୍ୟିକା ମାନସୀ ଦାସ, ବିମଳା ସିଂହ ଓ ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁ କାଳିନ୍ଦୀ ଚରଣଙ୍କର ଶ୍ରେଷ୍ଠକିର୍ତ୍ତୀ ମାଟିର ମଣିଷର ଚରିତ୍ରଚିତ୍ରଣ, ଘଟଣାବିନ୍ୟାସ ତଥା ଆଦର୍ଶ ଭାବବସ୍ତୁର ଉପସ୍ଥାପନା ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମତ ଦେଇଥିଲେ। ସଭାପତି ପୀତବାସ ରାଉତରାୟ ତାଙ୍କ ଭାଷଣରେ କହିଲେ ଯେ କାଳିନ୍ଦୀ ଚରଣ ସାହିତ୍ୟର ସବୁ ଦିଗରେ କଲମଚାଳନା କରି ଯେଉଁଳି କାଳଜୟୀ ଉପନ୍ୟାସ, ଗଳ୍ପ ଓ କବିତା ରଚନା କରିଯାଇଛନ୍ତି ତାଙ୍କ ଲେଖାର ଅନୁବାଦ ହୋଇପାରିଲେ ତାହା ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିରିବ। ପ୍ରାରମ୍ଭରୁ ସମିତିର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ କାଳିନ୍ଦୀ ଚରଣଙ୍କର ପ୍ରସିଦ୍ଧ କବିତା 'ଗାନ୍ଧାରୀର ଆଶୀର୍ବାଦ' ପଠନ କରିଥିଲେ।

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ସରକାର ବିଫଳ : ବିଜେଡ଼ି

**ଭୁବନେଶ୍ୱର, ୨୩।୭ (ମହାଭାରତ):** ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଶେଷ ମୁହୂର୍ତ୍ତରେ ବାତିଲ ହେବା ପରେ, ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ କଟକ ସ୍ଥିତ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ, ରାଜ୍ୟ ବିଜେପି ସରକାର ବିଭିନ୍ନ ନିଯୁକ୍ତି ଓ ଅନ୍ୟାନ୍ୟ ପରୀକ୍ଷାକୁ ତ୍ରୁଟିଶୁନ୍ୟ ଭାବେ ଆୟୋଜିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ। ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଂଚାଇ ଦିଆଯାଇଥିଲା। ପ୍ରଶ୍ନପତ୍ର ପ୍ରଘଟ ନୁହେଁ ବରଂ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି ବୋଲି ନେତାମାନେ କହିଥିଲେ।

# ୬,୭୯୪ ପଞ୍ଚାୟତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧରେ ରାଜ୍ୟର ୬,୭୯୪ଟି ଗ୍ରାମ ପଂଚାୟତରେ ପହଂଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଜି ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୂକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଂଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି। ସାମ୍ବାଦିକ ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର



ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି। ଦେଶବ୍ୟାପୀ ଚାଲିଥିବା ଆର୍ଥିକ ଅନ୍ତର୍ଭୂକ୍ତିକରଣ ଅଭିଯାନର ଲକ୍ଷ୍ୟ ହେଉଛି, ବିଶେଷକରି ଅନୁନ୍ନତ ଗ୍ରାମୀଣ ଏବଂ ଦୁର୍ଗମ ଅଂଚଳରେ, ଆନୁଷ୍ଠାନିକ ଆର୍ଥିକ ସେବାର ସମାନ ଉପଲବ୍ଧତା ସୁନିଶ୍ଚିତ କରିବା। ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ, ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ୨୧ ଜୁନ୍ ୨୦୨୫ରେ ରାଜ୍ୟସ୍ତରୀୟ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଅଭିଯାନ ରାଜ୍ୟର ସବୁ ପଂଚାୟତରେ ପହଂଚିବ। ସମସ୍ତ ସରକାରୀ କ୍ଷେତ୍ର ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଆରଆରବି ସହିତ ସମନ୍ୱୟ ରଖି ଓଡ଼ିଶା ପାଇଁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି , ସମସ୍ତ ୩୦ଟି ଲିଡ୍ ଜିଲ୍ଲା ପରିଚାଳକ ଏହି ଅଭିଯାନର କାର୍ଯ୍ୟକାରିତା ତଦାରଖ କରୁଛନ୍ତି।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ରାଜସ୍ୱମନ୍ତ୍ରୀ



**ଭୁବନେଶ୍ୱର, ୨୩।୭ (ମହାଭାରତ):** ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶାସନ, ବିପର୍ଯ୍ୟୟ ପରିଚାଳନା ଏବଂ ରାଜ୍ୟର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ କରିବା, ଭୂ ଏବଂ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା ଏବଂ ସାଧାରଣ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ମଧ ଆଲୋଚନା ହୋଇଥିଲା।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ସମଗ୍ର ଓଡ଼ିଶାରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ନାଗରିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆଗୁଆ ଯୋଜନା ଓ ବିଭିନ୍ନ ଏଜେନ୍ସି ମଧରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।

**ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ**

# ଢେଙ୍କାନାଳ ପ୍ରଥମ, କଟକ ଦ୍ୱିତୀୟ ଓ ମୟୂରଭଞ୍ଜ ତୃତୀୟ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ହୋଟେଲ ମେଫେୟାର ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ ଆଜି ଏକ ଉତ୍ସବମୁଖର ପରିବେଶରେ ସମାପ୍ତ ହୋଇଯାଇଛି। ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରଥା ଏବଂ ମହିଳାଙ୍କ ଉଦ୍ୟୋଗିକ ପ୍ରତିଭାକୁ ଉଜ୍ଜ୍ୱଳ ଭାବରେ ପ୍ରଦର୍ଶନ କରୁଥିବା ଏହି ପ୍ରତିଯୋଗିତା ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଘରୋଇ ଦାୟିତ୍ୱ ମଧରେ ମଧ ମହିଳାମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ଏଯାଏଁ ପହଞ୍ଚିବା ମହିଳା ସ୍ୱାବଲମ୍ବନ ଓ ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତପ୍ରକାଶ କରିଥିଲେ। ମହିଳାମାନେ ଉଦ୍ୟୋଗୀ ହେବାର ସାହସ ହିଁ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାର ଏକ ସୁଦୃଢ଼ ପଦକ୍ଷେପ। ଯଦିଓ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରାଜ୍ୟର ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ସଂସ୍କୃତିକୁ ପୁନରୁଦ୍ଧାର କରିବା ଥିଲା ତେବେ ମିଶନ ଶକ୍ତି ବିଭାଗର ଏହି ନୂତନ ପ୍ରୟାସ ମହିଳାମାନଙ୍କ ମଧରେ ଉଦ୍ୟୋଗିତାର ଚେତନା ସୃଷ୍ଟି କରିପାରିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୁଚିନ୍ତିତ ଯୋଜନା, ସଫଳ କାର୍ଯ୍ୟାନ୍ୱୟନ ଏବଂ ଦଳଗତ ପରିଶ୍ରମ ପାଇଁ ଆଇଏଚଏମର ଅଧିକାରୀବୃନ୍ଦ, ବିଚାରକ ଶେଫମଣ୍ଡଳୀ ଓ ମିଶନ ଶକ୍ତି ବିଭାଗର ଅଧିକାରୀ ଓ ସହକାରୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।



ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଡଃ ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବଗଣ ଓ ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଜେତା ଦଳଗୁଡ଼ିକୁ ଆଇଏଚଏମ୍ ଭୁବନେଶ୍ୱରରେ ସାତ ଦିନିଆ ଆବାସିକ ପ୍ରଶିକ୍ଷଣ ଦିଆଯାଇଥିଲା। ସେମିଫାଇନାଲରେ ଭାଗ ନେଇଥିବା ୩୦ଟି ଦଳ ମଧ୍ୟରୁ ୧୦ଟି ଦଳ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ଏବଂ ଆଜି ସେମାନେ ନିଜ ରନ୍ଧନ କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଦଳକୁ କୁକିଂ ଗ୍ୟାସ୍, ଇଣ୍ଡକ୍ସନ୍ କୁକ୍ ଟପ, ବାସନକୁସନ୍ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ଏକ ସୁସଜ୍ଜିତ କାର୍ଯ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ସରକାରଙ୍କ ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ମହିଳାଙ୍କ ରନ୍ଧନ ଜ୍ଞାନକୁ ସ୍ୱୀକୃତି ଦେବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧରେ ଉଦ୍ୟୋଗିତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। କଟକ, ମୟୁରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତସିଂହପୁର ଜିଲ୍ଲାର ୧୦ଟି ଶ୍ରେଷ୍ଠ ଦଳ ଏହି ଫାଇନାଲରେ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳର ଶାକମ୍ଭରୀ ସ୍ୱୟଂ ସହାୟକ ଗୋଷ୍ଠୀ, କଟକର ମା ଗଡ଼ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମୟୁରଭଞ୍ଜର ମା ଧାନ କ୍ଷେତ୍ରପାଳ ସ୍ୱୟଂ ସହାୟକ ଗୋଷ୍ଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇ ପୁରସ୍କାର ସ୍ୱରୂପ ୨ ଲକ୍ଷ, ୧.୫ ଲକ୍ଷ ଓ ୧ ଲକ୍ଷ ପୁରସ୍କାର ରାଶି ପାଇଥିଲେ।

# ସାମସଙ୍ଗ ଗାଲାକ୍ସି ଜେଡ଼ ଫୋଲ୍ଡ୭, ଜେଡ଼ ଫ୍ଲିପ୭ ପ୍ରି-ଅର୍ଡ଼ର

**ଭୁବନେଶ୍ୱର, ୨୩।୭ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଯାହାକି ଖୁବ୍ ନିକଟରେ ଶୁଭାରମ୍ଭ ହୋଇଥିବା ସବୁଠାରୁ ଉନ୍ନତ ମାନର ଗାଲାକ୍ସି ଜେଡ଼ ଫୋଲ୍ଡ୭, ଗାଲାକ୍ସି ଜେଡ଼ ଫ୍ଲିପ୭ ଏବଂ ଗାଲାକ୍ସି ଜେଡ଼ ଫ୍ଲିପ୭ ଏଫଇ ସ୍ମାର୍ଟଫୋନର ଘୋଷଣା କରିଛି ଯାହା ପ୍ରି-ଅର୍ଡ଼ର କ୍ଷେତ୍ରରେ ରେକର୍ଡ଼ ସୃଷ୍ଟି ସହିତ ସପ୍ତମ ପୀଢ଼ିର ଫୋଲଡ଼େବୁଲ ଉଚ୍ଚ ରେକର୍ଡ଼କୁ ଭାଙ୍ଗିଛି ଯାହାକି ଗ୍ରାହକ ମାନଙ୍କର ଅସାଧାରଣ ଉତ୍ସାହକୁ ଏଭଳି ଫୋଲଡ଼େବୁଲ ସ୍ମାର୍ଟଫୋନର ମୁଖ୍ୟଧାରା ଦିଗରେ ସଂକେତ ପ୍ରଦାନ କରୁଅଛି, ଯାହାକି ଭାରତରେ ଜୁଲାଇ ୦୯ ତାରିଖରେ ଏହାର ଶୁଭାରମ୍ଭ ହେବା ପରେ ପ୍ରଥମ ୪୮ ଘଂଟା ମଧ୍ୟରେ ୨,୧୦,୦୦୦ ପ୍ରି-ଅର୍ଡ଼ର ରେକର୍ଡ଼ ସ୍ଥାପନ କରିଛି ଏବଂ ନିଶ୍ଚିତ ଭାବରେ ଏସ୨୫ ଶୃଙ୍ଖଳ ଯାହାକି ପୂର୍ବରୁ ଆସିଥିଲା ମେଳକ ହୋଇପାରିଛି। "ଏହି ରେକର୍ଡ଼ ସଂଖ୍ୟକ ପ୍ରି-ଅର୍ଡ଼ର ଆମର 'ମେଡ଼ ଇନ ଇଣ୍ଡିଆ' ଫୋଲଡ଼େବୁଲ ସ୍ମାର୍ଟଫୋନକୁ ପୁଣି ଥରେ ଆକର୍ଷଣୀୟ କରିବା ସହିତ ଭାରତୀୟ ଯୁବ ଗ୍ରାହକ ମାନଙ୍କ ମଧ୍ୟରେ ରହିଥିବା ଏହା ଆଧୁନିକତମ ଜ୍ଞାନକୌଶଳକୁ ନେଇ ତ୍ୱରିତ ଭାବରେ ଗ୍ରହଣ କରିବେ ଏହାକୁ ଆମେ ଦୃଢ଼ ଭାବରେ ବିଶ୍ୱାସ ରଖିଛୁ।

# ରାଜ୍ୟସ୍ତରୀୟ ପ୍ୟାରେଡ ଉତ୍ସବ ପ୍ରସ୍ତୁତି

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ୭୯ତମ ସ୍ୱାଧିନତା ଦିବସ ପାଳନ ପାଇଁ ଆଜି ଲୋକସେବା ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏହି ପ୍ରସ୍ତୁତି ବୈଠକରେ ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତା ମାନେ ଯୋଗ ଦେଇ ଭୁବନେଶ୍ୱର ପ୍ୟାରେଡ ଉତ୍ସବ ପାଇଁ କାର୍ଯ୍ୟକ୍ରମ ଚୂଡାନ୍ତ କରିଛନ୍ତି। ପିଏମଜି ଛକରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗରେ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ୟାରେଡ ସ୍ଥଳରେ ପହଞ୍ଚିବା ମାତ୍ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଡିଜି ଏନସିସି, ଭୁବନେଶ୍ୱର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବେ ଏବଂ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ମୁଖ୍ୟମନ୍ତ୍ରୀଙ୍କୁ ସଭା ମଞ୍ଚ ଉପରକୁ ପାଛୋଟି ନେବେ।

ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ପ୍ୟାରେଡ ଉତ୍ସବରେ ଚଳିତ ବର୍ଷ ୪୫ଟି ଦଳ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ। କେଉଁମାନେ ଏଥିରେ ଅଂଶଗ୍ରହଣ କରିବେ ସେମାନଙ୍କୁ ପୋଲିସ କମିଶନର ଚୟନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅବିଭାଷଣ ପରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ।

ଅଗଷ୍ଟ ୧୧ ଓ ୧୨ ତାରିଖ ଦିନ ସ୍ୱାଧିନତା ଦିବସ ପ୍ୟାରେଡ ପାଇଁ ପ୍ୟାରେଡ ଅଭ୍ୟାସ କରାଯିବ। ଅଗଷ୍ଟ ୧୫ ତାରିଖରେ ମାଷ୍ଟରକ୍ୟାଣ୍ଟିନରୁ ପିଏମ୍‌ଜି ଛକ ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା ଜାରି କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସ୍ୱାଧିନତା ଦିବସ ଉପଲକ୍ଷେ ଲୋକସେବା ଭବନ, ବିଧାନସଭା ଭବନ, ରାଜୀବ ଭବନ, ଖାରବେଳ ଭବନ, କୃଷି ଭବନ, ଲୋକ ସମ୍ପର୍କ ଭବନ, କମିଶନରେଟ୍ ଅଫ୍ ପୋଲିସ ଭବନ ଏବଂ ଜୟଦେବ ଭବନ, ନିର୍ମାଣ ସୌଧ ଏବଂ ଅନ୍ୟାନ୍ୟ ସରକାରୀ କୋଠାକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ।

ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଆର କେ ଶର୍ମା, ପୁଲିସ କମିସନର ଦେବଦତ୍ତ ସିଂହ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ ଏବଂ ଏହି କାର୍ଯ୍ୟ ସହିତ ସଂପୃକ୍ତ ସମସ୍ତ ବିଭାଗ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ସ୍ଥିର ହୋଇଛି।

## କୋଟାକ୍ ଏବଂ ଇଣ୍ଡିଗୋ ମିଳିତ ବ୍ରାଣ୍ଡଯୁକ୍ତ କ୍ରେଡ଼ିଟ କାର୍ଡ଼ର ଶୁଭାରମ୍ଭ

**ଭୁବନେଶ୍ୱର, ୨୩।୭ (ମହାଭାରତ):** ଭ୍ରମଣ କରିବାକୁ ଭଲ ପାଆନ୍ତି କି ? ବର୍ତ୍ତମାନ ଆପଣଙ୍କର ଦୈନନ୍ଦିନର ଖର୍ଚ୍ଚ ଆପଣଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇ ନେଇଯିବ! କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏବଂ ଇଣ୍ଡିଗୋ ଏକାଠି ହୋଇଛନ୍ତି ଏକ ରୋମାଂଚକର ମିଳିତ – ବ୍ରାଣ୍ଡଯୁକ୍ତ କ୍ରେଡ଼ିଟ୍ କାର୍ଡ଼ର ପୁନଃଶୁଭାରମ୍ଭ ସହିତ ଯାହାକି ଇଣ୍ଡିଗୋ ଏୟାରଲେନ୍ସ ବ୍ରାଣ୍ଡ ନୂତନ ଆନୁଗତ୍ୟ କାର୍ଯ୍ୟକ୍ରମ ଅଟେ ଯାହା ଇଣ୍ଡିଗୋ ବ୍ଲୁଚିପ୍ସ ଦ୍ୱାରା ପରିଚାଳିତ। ଆପଣ ଜଣେ ବାରମ୍ବାର ଉଡ଼ାଣ ଭରୁଥିବା ବ୍ୟକ୍ତି କିମ୍ବା ଆପଣଙ୍କର ପରବର୍ତି ଭ୍ରମଣ ପାଇଁ କେବଳ ଯୋଜନା କରୁଥାଇପାରନ୍ତି, ସେଥିପାଇଁ ଏହି କାର୍ଡ଼ ଭ୍ରମଣ ପୁରସ୍କାରରେ ଦୈନିକ ଖର୍ଚ୍ଚର ଡ଼ିଜାଇନ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଦୁଇଟି କାର୍ଡ଼ ଗୋଟିଏ ଲକ୍ଷ୍ୟ – ସ୍ମାର୍ଟଭ୍ରମଣ ସେହି କାର୍ଡ଼ଟିକୁ ଚୟନ କରନ୍ତୁ ଯାହା ଆପଣଙ୍କ ଜୀବନଶୈଳୀ ପାଇଁ ପ୍ରଯୁଜ୍ୟ ଅଟେ: ଇଣ୍ଡିଗୋ କୋଟାକ୍ କ୍ରେଡ଼ିଟ୍ କାର୍ଡ଼ – ଦୈନନ୍ଦିନ ବ୍ୟବହାରକାରୀ ମାନଙ୍କ ପାଇଁ ପ୍ରକୃଷ୍ଟ ଅଟେ ଯେଉଁ ଗ୍ରାହକମାନେ ଦୈନନ୍ଦିନ ସୁବିଧା ସହିତ ଭ୍ରମଣର ଲାଭ ଆବଶ୍ୟକ କରିଥାନ୍ତି ଏହା ଦ୍ୱାରା ଗ୍ରାହକମାନେ ବାର୍ଷିକ ୬ ଲକ୍ଷ ଟଙ୍କାର ଖର୍ଚ୍ଚରେ ୩୦,୦୦୦ ବ୍ଲୁଚିପ୍ସ ପ୍ରାପ୍ତ ହୋଇପାରିବେ, ଏଥିସହିତ ରହିଛି ମାଇଲଷ୍ଟୋନ, ଭ୍ରମଣରେ ତ୍ୱରିତ ପୁରସ୍କାର, ଭୋଜନ, ମନୋରଞ୍ଜନ ତଥା ଆହୁରି ଅନେକ କିଛି। ଇଣ୍ଡିଗୋ କୋଟାକ୍ ପ୍ରମିୟମ କେଡ଼ିଟ କାର୍ଡ଼–ବାରମ୍ବାର ଉଡ଼ାଣ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ଏହି କାର୍ଡ଼ ବାର୍ଷିକ ୧୨ ଲକ୍ଷ ଟଙ୍କାର ଖର୍ଚ୍ଚରେ ୭୦,୦୦୦ ବ୍ଲୁଚିପ୍ସ ପ୍ରାପ୍ତ ହୋଇପାରିବେ, ନିଜର ସବୁଠାରୁ ଆଦରପୂର୍ଣ୍ଣ ଅବସର ବିନୋଦନ ଅବସ୍ଥିତି ନିମନ୍ତେ ଦୈନିକ ଖର୍ଚ୍ଚ ହେଉଥିବା ଅର୍ଥକୁ ଫେରସ୍ତ ଟିକେଟରେ ବଦଳ କରି।

## ବେଆଇନ୍ ସମ୍ପତ୍ତି ଠୁଳ

ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ମୁଖ୍ୟଯନ୍ତ୍ରୀଙ୍କ ଘରୁ ଭିଜିଲାନ୍ସ ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଏବଂ ନଗଦ ଟଙ୍କା ଜବତ କରିଛି ଯେ, ତାହା ୧୦ଜଣ ଇଞ୍ଜିନିୟରଙ୍କ ଆୟ ସହ ସମାନ। ତାଙ୍କର ଠାବ ହୋଇଥିବା ସମ୍ପତ୍ତି ଆଖି ଖୋସିଲା ଭଳି । ଯେତିକି ସମ୍ପତ୍ତି ଠାବ ହୋଇଛି ସେତିକି ସେ ଖର୍ଚ୍ଚ ବି କରିଥିବେ। ଆହୁରି ଅନେକ ସମ୍ପତ୍ତି ସେ ଲୁକ୍କାୟିତ କରି ରଖିଥିବେ। ଏସବୁ ସାଧାରଣ ଲୋକଙ୍କ ଝାଳବୁହା ଧନ। ଲୋକଙ୍କ ଟିକସ ଅର୍ଥକୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ବିନିଯୋଗ କରାଯାଏ। ଏହାକୁ ସମ୍ପୃକ୍ତ ଇଞ୍ଜିନିୟର ଲୁଟ କରିଛନ୍ତି। କେବଳ ଏହି ଗୋଟିଏ ନୁହେଁ, ଏଭଳି ଅନେକ ସରକାରୀ ବାବୁ, ଇଞ୍ଜିନିୟରମାନେ ସମାଜରେ ବେଶ ସମ୍ମାନର ସହ ରହିଛନ୍ତି। ସେମାନେ ଚୋରୀ କରି ନିଜକୁ ବାହାରକୁ ବେଶ ସାଧୁ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ମୁଖା ଖେଳାଯିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ଉଚିତ। କହିବା ବାହୁଲ୍ୟ ଯେ, ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ସରକାରୀ ବାବୁ ମାନେ ଦୁର୍ନୀତି ବିରୋଧରେ ଶପଥପାଠ କରୁଛନ୍ତି। ରାଜ୍ୟ ସରକାରଙ୍କର ଏକ ଦୁର୍ନୀତି ନିବାରଣ ବିଭାଗ ରହିଛି। ଏହି ବିଭାଗ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅଫିସର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ଘରେ ରେଡ କରାଯାଉଛି। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହେଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ପରେ ସସପେଣ୍ଡ ବି ହେଉଛନ୍ତି। କୋର୍ଟରେ ମାମଲା ହେଉଛି। କିନ୍ତୁ ବାସ୍ତବରେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ଦଣ୍ଡହାର ଅତି କମ। ଅର୍ଥାତ ତଳ କୋର୍ଟରେ ହେଉ ବା ଉପର କୋର୍ଟରେ ଅଭିଯୁକ୍ତମାନେ କୋର୍ଟରେ ପ୍ରମାଣ ଅଭାବରୁ ଖସିଯାଉଛନ୍ତି। ଖୁବ କମ ବ୍ୟକ୍ତି ବାସ୍ତବରେ ଦଣ୍ଡିତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ତ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୁଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ୩ ମାସ ତଳେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

॥ ପ୍ରଫେସର ହୃଦୟନାଥ ଆଟୋଇ ॥

> "ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୂପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡ଼ି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଟ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନାଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନ୍ୟୁର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋସାହନ ମିଳିଥାଏ।


**ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ**
**ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ**
**ବିଶ୍ୱବିଦାଳୟ, ବାରିପଦା।**


# ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କାଲାମ

॥ ଶେଖ୍ ଫରିଦ୍‌ଉଦ୍ଦିନ୍ ॥

ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ୍ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍', 'ମାଇଁ ଜର୍ନି', ଏବଂ 'ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ' ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍‌କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡ଼ୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - 'ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।' ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ଜନ୍ମଦିବସରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ଜନ୍ମତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।


ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮


# 'ଗାଁ ପରିମଳ ଧୋବା ତୁଠରୁ'

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ।' ଅର୍ଥାତ୍ ଏକ ଗାଁର ପରିଷ୍କାର ପରିଚ୍ଛନ୍ନତା ସେହି ଗ୍ରାମର ଜଳାଶୟର ସ୍ୱଚ୍ଛତାରୁ ପ୍ରମାଣିତ ହୁଏ। ଦ୍ୱିତୀୟତଃ ପରିଷ୍କାର ପରିଚ୍ଛନ୍ନତା ଏକ ମାନବୀୟ ଜୀବନର ମୁଖ୍ୟ ଆଦର୍ଶଣୀୟ ଜୀବନ ଚର୍ଯ୍ୟା। ତେବେ ବଡ଼ଖୁସିର କଥା ଆମର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ସଂକଳ୍ପ 'ସ୍ୱଚ୍ଛ ଭାରତ ଅଭିଯାନ' ଏହି ଜୀବନ ସ୍ୱଚ୍ଛତାର ନିଶ୍ଚିନ୍ତ ଭାବରେ ଏକ ପ୍ରଶଂସନୀୟ ଜୀବନ ଚିନ୍ତନ କହିଲେ ଅତ୍ୟୁକ୍ତି ହେବନାହିଁ। ରୋଗରୁ ରକ୍ଷା ପାଇବା ପାଇଁ ସାବୁନରେ ହାତ ଧୋଇବା ପ୍ରତି ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଅକ୍ଟୋବର ୧୫ରେ ପାଳନ କରାଯାଏ ବିଶ୍ୱ ହାତଧୁଆ ଦିବସ। ବିଶ୍ୱର ପ୍ରତିଟି କୋଣରେ ଲୋକଙ୍କୁ ସାବୁନରେ ହାତ ଧୋଇବା ପାଇଁ ପ୍ରୋତ୍ସାହିତ କରିବା ଏବଂ ଏହି ଅଭ୍ୟାସକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଏକ ସଚେତନତା ଅଭିଯାନ ରୂପେ ଉଭା ହୋଇଛି ଏହି ଦିବସ। ୨୦୦୮ରେ ଷ୍ଟକ୍‌ହୋମ୍ ଠାରେ ଅଗଷ୍ଟ ୧୭-୨୩ ମଧ୍ୟରେ ଅନୁଷ୍ଠିତ ବାର୍ଷିକ ବିଶ୍ୱ ଜଳ ସପ୍ତାହ ଅବସରରେ ଜନ୍ମ ନେଇଥିଲା ବିଶ୍ୱ ହାତଧୁଆ ଦିବସ। ଜାତିସଂଘର ସାଧାରଣ ସଭାରେ ତାରିଖ ନିର୍ଦ୍ଧାରଣ ହେବା ପରେ ସେହି ବର୍ଷ ଅକ୍ଟୋବର ଆଜିର ଦିନ ଏହି ଦିବସ ପ୍ରଥମେ ପାଳନ କରାଗଲା। ତା ପରଠାରୁ ସମଗ୍ର ବିଶ୍ୱରେ ଏହାକୁ ପାଳନ କରିବାର ଏକ ଅଭିଯାନ ଚାଲିଛି। ଶ୍ୱାସ, ଡାଇରିଆ ଭଳି ରୋଗରୁ ଶିଶୁ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କେବଳ ଶିଶୁରୋଗ ନୁହେଁ ସମସ୍ତ ପ୍ରକାର ରୋଗର ପ୍ରାଥମିକ ପ୍ରତିଷେଧକ ଭାବରେ ଏହି ସ୍ୱଚ୍ଛତାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ହାତଧୁଆ ଅଭିଯାନକୁ ପ୍ରଭାବଶାଳୀ କରିବା ପାଇଁ ପ୍ରତି ବର୍ଷ ଭିନ୍ନ ଭିନ୍ନ ବିଷୟ ଚୟନ କରାଯାଏ। ଶୌଚାଳୟ ବ୍ୟବହାର ପରେ, ଖାଇବା ପୂର୍ବରୁ ଓ ପରେ ଏବଂ ଅନ୍ୟ ସମୟରେ ସାବୁନରେ ହାତ ଧୋଇବା ଏକ ଦୈନନ୍ଦିନ ଅଭ୍ୟାସରେ ପରିଣତ ହେବା ଉଚିତ, ଯାହାଫଳରେ ବିଭିନ୍ନ ରୋଗରୁ ଆମେ ରକ୍ଷା ପାଇପାରିବା। ସଫାସୁତରା ରହିବା, ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା, ପାଣିର ସ୍ୱଚ୍ଛତା ଆଦି ଉପରେ ଏହି ଦିବସ ଫୋକସ୍ କରେ।

ସଂପ୍ରତି ଦୀପାବଳିର ଅବ୍ୟବହିତ ପୂର୍ବରୁ ମାନ୍ୟବର ସୁପ୍ରିମକୋର୍ଟ ନୂଆଦିଲ୍ଲୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଣ ବିକ୍ରି ଉପରେ ରୋକ ଲଗାଇବା ପରେ ଏହି ଦିବସର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଆମ ଆଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ପାଠ୍ୟ ପୁସ୍ତକର ଅଧ୍ୟାୟ ଭାବରେ ନୁହେଁ ବା କୌଣସି ସାରଗର୍ଭକ ଭାଷଣର ଧାଡ଼ି, ଶୁଦ୍ଧ ଆଚରଣ ଯେପରି ଜଣେ ମଣିଷର ଉତ୍ତମ ବ୍ୟକ୍ତିତ୍ୱକୁ ପ୍ରଦର୍ଶିତ କରିଥାଏ ସେହିଭଳି ସ୍ୱଚ୍ଛତାକୁ ଜଣେ ନିଜ ଚେତନାର ଜାଗରଣ ଭାବରେ ଚିନ୍ତା କରିବା ଏବଂ ଏହାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାର ପ୍ରାସଙ୍ଗିକତା ରକ୍ଷା କରେ। ଜାତିର ଜନକ ମହାତ୍ମା ଗାନ୍ଧୀ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ତାଙ୍କ ପରିପାର୍ଶ୍ୱିକ କାର୍ଯ୍ୟକ୍ରମ ଭିତରେ ସବୁବେଳେ ଶୁଦ୍ଧତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଉଥିଲେ। ଆମ୍ଭେମାନେ ଟିକେ ନିରିଖେଇ ବିଚାର କଲେ ଆମକୁ ବେଶ ଭଲ ଭାବରେ ଜଣା ଯେ ହାତ ଧୋଇବା କେବଳ ପିଲାଙ୍କୁ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ ଏହା ଏକ ନିରୋଗ ଓ ଉତ୍ତମ ସ୍ୱାସ୍ଥ୍ୟର ସଫଳତାର ଚାବିକାଠି। ପିଲାବେଳେ ଆମ ସମସ୍ତଙ୍କର ଅଭୁଲା କଥାଟି ହେଉଛି ଏହା ସେ ସମୟରେ ମଧ ଆମ ଅବଧାନ ହୁଅନ୍ତୁ ବା ଶିକ୍ଷକ ଛାତ୍ରଛାତ୍ରୀଙ୍କ ହାତ ଓ ନଖକୁ ନିରିଖେଇ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ଏଥିରେ ବ୍ୟତିକ୍ରମ ହେଲେ ଦଣ୍ଡ ବିଧାନର ଆନନ୍ଦମୟ ଅନୁଭୂତି କେବଳ ଏହି ଲେଖକର ନୁହେଁ ଆମ ସମସ୍ତଙ୍କର ବି ରହିଛି। କିନ୍ତୁ ସୂଚନା ପ୍ରଯୁକ୍ତିର ଶୀର୍ଷତାରେ ପହଞ୍ଚିଥିବା ଆମ ସମୟର ଗୁଣିଜ୍ଞାନୀ ବ୍ୟକ୍ତିଚେତନାଙ୍କ ଭିତରେ ଏଯାବତ୍ ହାତଧୁଆ ଉପରେ ବି ପରାମର୍ଶ ଏବଂ ମାର୍ଗ ଦର୍ଶନର ଆବଶ୍ୟକତା ରହିଛି। ଆସନ୍ତୁ ବିଶ୍ୱ ହାତଧୁଆ ଦିବସ ଅବସରରେ ନିଜେ ଶପଥ ନେବା ସହ ଆମ ପରିବାର, ଆମ କର୍ମ ସଂସ୍ଥାନ କ୍ଷେତ୍ର ସର୍ବୋପରି ଆମ ଆଖପାଖର ପଡ଼ୋଶୀ ହୁଅନ୍ତୁ ବା ବନ୍ଧୁବର୍ଗ ସମସ୍ତଙ୍କ ଭିତରେ କେବଳ ହାତଧୁଆ ନୁହେଁ ପରିଷ୍କାର ପରିଚ୍ଛନ୍ନତାର ଆବଶ୍ୟକତାକୁ ଗ୍ରହଣ କରିବା ଏବଂ ଏହାକୁ ନିଜ ଜୀବନରେ ପ୍ରତିଟି କ୍ଷେତ୍ରରେ କାର୍ଯ୍ୟ କରିବା ତାହାଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚୟ ସଫଳ ହେବ।


କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ : ୯୪୩୮୨୭୬୭୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ୨୬ ଆଇପିଏସ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ଆଗମନ



ପାରାଦୀପ, (ମହାଭାରତ) :ଭାରତୀୟ ପୋଲିସ ସେବା (ଆଇପିଏସ) ପ୍ରଶିକ୍ଷାର୍ଥୀ ଙ୍କ ଏକ ୨୬ ଜଣିଆ ଦଳ ସୋମବାର ଦିନ ପାରାଦୀପ ବନ୍ଦର କୁ ଦୁଇଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି । ଏହି ଗସ୍ତ ସମୟରେ ସେମାନେ ଓଡିଶା ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଏବଂ ପାରାଦୀପ ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ ହେବେ। ଏହି ଅବସରରେ ପ୍ରଥମ ସୋମବାର ଦିନ ଏହି ଆଇପିଏସ ପ୍ରଶିକ୍ଷାର୍ଥୀ ମାନେ ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ ରେ ପହଞ୍ଚି ସାମୁଦ୍ରିକ ସୁରକ୍ଷା ଏବଂ ତଟ ରକ୍ଷୀ ବାହିନୀର କାର୍ଯ୍ୟ ବିଷୟରେ ଅବଗତ ହୋଇଥିଲେ । ଏହାପରେ ସେମାନେ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନ ରେ ପହଞ୍ଚିବା ପରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସେମାନଙ୍କୁ ସ୍ୱାଗତ କରି ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।

## ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର, (ମହାଭାରତ): ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସୁଧାଂଶୁ କୁମାର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ- ଜିଲ୍ଲା ପରିଷଦ ଶ୍ରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରକାଶ ଜେମ୍ସ ଟପୋ ଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀ,ସମସ୍ତ ସ୍କୁଲ ଓ କଲେଜ ର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମଚାରୀ ଉପସ୍ଥିତ ରହି ଦିବସଟି କିପରି ଚଳିତ ବର୍ଷ ମହା ସମାରୋହରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯିବ ସେହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଚଳିତ ସ୍ୱାଧୀନତା ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୫.୦୦ ମି.ସମୟରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରାମଧୂନ ପରିବେଷଣ କରାଯିବ ।ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବୀରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପୂର୍ବାହ୍ନ ୯ ଘଟିକା ୧୫ ମିନଟ ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ସମବେତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ଦିନ ପୂର୍ବାହ୍ନ ଘ.୭.୦୦ ଘଟିକା ରୁ ଘ.୭.୩୦ ଘଟିକା ସମୟ ମଧ୍ୟ ରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଜାତୀୟ ଦିବସଟି ସହରର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରିତ କରାଯିବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ,ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉକ୍ତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ। ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ। ଏଥି ସକାଶେ ଅଗଷ୍ଟ ମାସ ୧୧, ୧୨ ଏବଂ ୧୩ ତାରିଖ ପର୍ଯ୍ୟନ୍ତ ରିଜର୍ଭ ପୁଲିସ ଗ୍ରାଉଣ୍ଡ ଠାରେ ରିଜର୍ଭ ଇନ୍ସପେକ୍ଟର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ସିଲ୍ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ପୁରସ୍କାର ପ୍ରଦାନ କରାଯିବ ।ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମ ଠାରେ ପୁରସ୍କୃତ କରାଯିବ। ଏଥିସହ ପ୍ୟାରେଡ ପଡିଆ ସାଜସଜ୍ଜା, ବ୍ୟାରିକେଡ଼ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀଶିବିର ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ଅଧିକାରୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା ।କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ସମ୍ବଲପୁର ମଣ୍ଡଳ କାରାଗାର, ନାରୀବନ୍ଦି ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଶୁଖିଲା ଖାଦ୍ୟ ବଣ୍ଟନ, ଓଡିଶା ସାଂସ୍କୃତିକ ସମାଜ ସଭା ଗୃହରେ ଉତ୍ସର୍ଗ ଆନୁକୂଲ୍ୟ ରେ ଅନୁଷ୍ଠିତ ରକ୍ତଦାନ ଶିବିର ରେ ଯୋଗଦେବେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ସଭା ପରିଚାଳନା କରିବା ସହିତ ପ୍ରାରମ୍ଭ ରେ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ଜଣେ ମୃତ୍ୟୁ ତିନି ଆହତ

ଓଡ଼ଗାଁ, (ମହାଭାରତ) : ଆଜି ନୟାଗଡ଼ରେ ଘନଘନ ବଜ୍ରପାତ ହୋଇଛି। ଏହି ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଶରଣକୁଳ ଥାନା ଅନ୍ତର୍ଗତ ଶିଖରପୁର ଗାଁ ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଆଜି ଅପରାହ୍ନରେ ରେ ଶିଖରପୁର ଗାଁ ସୁଦର୍ଶନ ପଲେଇ (୬୦), ମଦନ ପରିଡା (୫୮), ଶଙ୍କର୍ଷଣ ପରିଡା (୪୮) ଏବଂ ଦୁଃଶାସନ ପାଳ (୫୦) ଧାନ ବିଲରେ ଧାନ ତଳି ଲଗାଉଥିଲା ବେଳେ ଅଚାନକ ଆକାଶ ରେ କଳା ହାଣ୍ଡିଆ ମେଘ ଶହ ଘନଘନ ବଜ୍ରପାତ ହୋଇଥିଲା। ତେବେ ସେହି ବଜ୍ରପାତରେ ଶିଖରପୁର ଗାଁ ର ସୁଦର୍ଶନ ପଲେଇ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମଦନ ପରିଡା, ଶଙ୍କର୍ଷଣ ପରିଡା ଏବଂ ଦୁଃଶାସନ ପାଳ ଗୁରୁତର ଆହାତ ହୋଇଥିଲେ।

## ବାରିପଟ କବାଟ ଭାଙ୍ଗି ଟଙ୍କା ଅଳଙ୍କାର ଲୁଟ ନେଲେ ଦୁର୍ବୃର୍ତ୍ତ

ଆସିକା, (ମହାଭାରତ) : ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ପଞ୍ଚାୟତ ର ସୁମନ୍ତପଲ୍ଲୀ ଗ୍ରାମରେ କୌଣସି ଦୁବୃତ୍ତ ବାରି ଘର କବାଟ ଭାଙ୍ଗି ଘରେ ପଶି ଟଙ୍କା ଅଳଂକାର ଲୁଟ ହୋଇଥିବା ନେଇ ଆସିକା ଥାନା ରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ସୁମନ୍ତପଲ୍ଲୀ ଗ୍ରାମର ତ୍ରିନାଥ ସେଠି (୬୦)ପିତା ମୋଚିଆ ସେଠି ଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଅପରାହ୍ନ ପ୍ରାୟ ୨.୩୦ ସମୟରେ ଘରର ବାରି କବାଟ କୁ ଭାଙ୍ଗି ଘରେ ପଶି ୦୩ ଭରି ଓଜନର ସୁନା ର କାନ ଫୁଲ, ନାନୁ ଏବଂ ନଗଦ ୩୫ ହଜାର ଟଙ୍କା ଚୋରି କରି ନେଇଯାଇଥିବା ବିଷୟରେ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଆସିକା ପୋଲିସ ଅଭିଯୋଗ କୁ ଭିତ୍ତି କରି ଥାନା କେସ ନମ୍ବର ୪୪୨/୨୫ ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।ପ୍ରକାଶ ଥାଉକି ତ୍ରିନାଥ ସେଠିଙ୍କ ୩ପୁଅ ସୁରତ ରେ କାମ କରନ୍ତି। ଘରେ କେହି ନଥିବା ସୁଯୋଗ ନେଇ କେହି ଦୁର୍ବୃର୍ତ୍ତ ଏହାଭଳି କାଣ୍ଡ ଭିଆଇ ଥିବା ଅନୁମାନ କରାଯାଉଛି।

## ଜିପିଏଲଏଫ୍ ଗୃହ ଓ ମାର୍କେଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ



କରଞ୍ଜିଆ, (ମହାଭାରତ) ଓଡିଶା ସରକାରଙ୍କ ମହିଳା ସଶକ୍ତି କରଣ ଯୋଜନା ଅନ୍ତର୍ଗତ ମିଶନ ଶକ୍ତି ଆନୁକୁଲ୍ୟରେ ଗ୍ରାମ ପଞ୍ଚାୟତ ସ୍ତରରେ ମହିଳା ମାନଙ୍କ ସ୍ୱୟଂ ସହାୟିକା ଗୋଷ୍ଠୀର ସୁପରିଚାଳନା ଉଦ୍ଦେଶ୍ୟରେ ଆବଶ୍ୟକ ଗ୍ରାମପଞ୍ଚାୟତ ଲେବେଲ ଫେଡରେସନ ଗୃହ ଓ ମାର୍କେଟ କମ୍ପ୍ଲେକ୍ସ ଠାକୁରମୁଣ୍ଡା ପଞ୍ଚାୟତ ର ରୁଗୁଡିବେଡ଼ା ଠାରେ ନିର୍ମିତ ହେବାକୁ ଥିବା ୨୩ ଲକ୍ଷ ୧୪ ହଜାର ୫୧୮ ଟଙ୍କା ବ୍ୟୟ ଅଟକଳର ଗୃହ କୁ କରଞ୍ଜିଆ ର ମାନ୍ୟବର ବିଧାୟକ ପଦ୍ମ ଚରଣ ହାଇବ୍ରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସର ରେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଶ୍ରୀମତୀ ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ବିଡିଓ ସ୍ୱପ୍ନେଶ୍ୱର୍ ବେହେରା,ଠାକୁରମୁଣ୍ଡା ସରପଞ୍ଚ ସୁଜିତ୍ କୁମାର ଲୁଗୁନ, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ ।ଅନ୍ୟ ମାନଂକ ମଧ୍ୟରେ ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ମହାନ୍ତ, ଠାକୁର ମୁଣ୍ଡା ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ, ପୂର୍ବତନ ସଭାପତି ରଂଜିତ ବେହେରା, ଜଗଦୀଶ ମହାନ୍ତ,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଛେନ୍ଦ୍ର ବେହେରା, ଜିଲା ସମ୍ପାଦକ ବିମଳ କୁମାର ସେନାପତି ,ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ରଞ୍ଜନ ମହାନ୍ତ ଓ ଠାକୁରମୁଣ୍ଡା ବ୍ଲକ୍ ର ବହୁ ଅଗ୍ରଣୀ ବିଜେପି କାର୍ଯ୍ୟକର୍ତ୍ତା ତଥା ମିଶନ ଶକ୍ତି ର ଏମ ବିକେ , ସିଆର୍ ପି ଓ ଶତାଧିକ ସଦସ୍ୟା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପତ୍ରପୋଡ଼ା ଆଶ୍ରମରେ ୨୯ ଜଣ ଛାତ୍ରଛାତ୍ରୀ ଝାଡ଼ା ଓ ଜ୍ୱରରେ ଆକ୍ରାନ୍ତ , ଦୁଇ ଗୁରୁତର

ଠାକୁରମୁଣ୍ଡା, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ରେ ଥିବା ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ପରିଚାଳିତ ପତ୍ରପୋଡ଼ା ଆଶ୍ରମ ବିଦ୍ୟାଳୟ ରେ ଝାଡ଼ାବାନ୍ତିରେ ରେ ୨୯ ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇ ଥିବାର ଜଣାପଡ଼ିଛି। ଆକ୍ରାନ୍ତ ଙ୍କ ମଧ୍ୟରୁ ୨ ଦିନ ମଧ୍ୟରେ ୯ ଜଣ ଆକ୍ରାନ୍ତ ଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଗୁରୁତର ୨ ଜଣ ଛାତ୍ରୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨୦ ଜଣ ଆକ୍ରାନ୍ତ ଛାତ୍ର ଛାତ୍ରୀ ବିଦ୍ୟାଳୟ ହଷ୍ଟେଲ ରେ ରହି ଚିକିତ୍ସିତ ହେଉଛନ୍ତି ।ଆଶ୍ରମ ବିଦ୍ୟାଳୟ ରେ ମୋଟ ୩୭୨ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୯୮ ଜଣ ଛାତ୍ରୀ ଓ ୨୧୨ ଜଣ ଛାତ୍ର ହଷ୍ଟେଲ ରେ ରହିଛନ୍ତି। ବୁଧବାର ଦିନ ସକାଳୁ ଆଶ୍ରମ ସ୍କୁଲ୍ କୁ ମେଡ଼ିକାଲ ଟିମ ଯାଇ ପହଁଚିଛି ଚିକିତ୍ସା କରିଛନ୍ତି। ଏଥି ସହିତ ବିଦ୍ୟାଳୟ କୁ କରଞ୍ଜିଆ ପିଏ ଆଇ ଟି ଡିଏ ଚିତ୍ତରଞ୍ଜନ ମହାନ୍ତ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା , ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଖାଦ୍ୟ, ପାନୀୟ ଜଳ ରୁ ଝାଡ଼ାବାନ୍ତି ରେ ଆକ୍ରାନ୍ତ ହୋଇ ପାରିଥାନ୍ତି ବୋଲି କହିବା ସହିତ ପାଣି ଓ ରେକ୍ଟାଲସ୍ୱାପ୍ ନମୁନା ସଂଗ୍ରହ କରି ଜିଲ୍ଲା କୁ ପଠାଯାଇଥିବା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ଚିତ୍ତରଞ୍ଜନ ନାଏକ କହିଛନ୍ତି। ବର୍ତ୍ତମାନ ଆକ୍ରାନ୍ତ ଙ୍କ ଅବସ୍ଥା ସ୍ଥିର ଥିବାର ଜଣାପଡ଼ିଛି।

## ଏମଭି ୭୯ ସନ୍ଦୀପ ହଲଦାର ଘର ନିକଟରୁ ଉଦ୍ଧାର ହେଲା ସାଢେ ସାତ ଫୁଟର ଅଜଗର ସାପ ଉଦ୍ଧାର



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ଏମଭି ୭୯ ଗ୍ରାମର ଗୋବିନ୍ଦ ମନ୍ଦିର ନିକଟରୁ ସନ୍ଦୀପ ହଲଦାଳ ଘରୁ ବିରାଟକାୟ ଅଜଗର ସାପ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ଅଜଗର ସାପଟିର ଲମ୍ବ ପ୍ରାୟ ସାଢେ ସାତ ଫୁଟ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଏହାକୁ ଉଦ୍ଧାର କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ନେଇ ଛଡ଼ାଯିବ ବୋଲି କହିଛନ୍ତି। ସୁଚନା ମୁତାବକ ବୁଧବାର ଅପରାହ୍ନ ସମୟରେ ଏମଭି ୭୯ ଗ୍ରାମର ଗୋବିନ୍ଦ ମନ୍ଦିର ଓ ମନ୍ଦିରକୁ ଲାଗି ରହୁଥିବା ସନ୍ଦୀପ ହାଲଦାରଙ୍କ ଘର ମଧ୍ୟରେ ଦୀର୍ଘଦିନ ଧରି ରଖାଯାଇଥିବା କାଠ କୋରଡରୁ ଏକ ବିଶାଳକାୟ ଅଜଗର ସାପ ଦେଖିବାକୁ ମିଳିଥିଲା। ସାପଟିର ଲମ୍ବ ଓ ମୋଟେଇ ଦେଖି ଅଞ୍ଚଳବାସୀ ଭୟଭୀତ ହେବାରୁ ନିକଟସ୍ଥ ବନ ବିଭାଗ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା। ସୁଚନା ପାଇ ବନ କର୍ମଚାରୀଙ୍କ ଏକ ଟିମ୍ ଘଟଣା ସ୍ଥଳରେ ପହଂଚି ଶୁଖିଲା କାଠ କୋରଡରୁ ଏହି ସାଢେ ସାତ ଫୁଟିଆ ଅଜଗର ସାପକୁ ସୁରକ୍ଷିତ ଭାବେ ବାହାର କରି ନିକଟସ୍ଥ ଜଙ୍ଗଲରେ ନେଇ ଛଡା ଯାଇଥିବା ଦେଖିବାକୁ ମିଳିଥିଲା। ମୁଖ୍ୟ ବଜାରରେ ରହିଥିବା ଏହି ସ୍ଥାନରୁ ଏତେ ବଡ଼ ଅଜଗର ସାପ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିର୍ଘ ସମୟ ଧରି ଆତଙ୍କର ବାତାବରଣ ଦେଖିବାକୁ ମିଳିଥିଲା।

## ଜିଲ୍ଲାରେ ଭୁଶୁଡ଼ି ଗଲାଣି ସାମ୍ବିଧାନିକ ବ୍ୟବସ୍ଥା : ଜିଲ୍ଲା ରେ ଅଣନିର୍ବାଚିତ ବିଜେପି ନେତା କଲେଣି ସମୀକ୍ଷା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ଅଣନିର୍ବାଚିତ ବିଜେପି ନେତା ବି ନିଜକୁ ମନ୍ତ୍ରୀ ଭାବିଲେଣି। ବିଭାଗୀୟ ଅଧିକାରୀ ମାନେ ମଧ ତାଙ୍କୁ ଏନେଇ ସୁଯୋଗ ଦେଲେଣି। ଯାହାର ଆଜି ଜ୍ୱଳନ୍ତ ଉଦାହରଣ ଦେଖ ?ିବାକୁ ମିଳିଛି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ। ନୟାଗଡ଼ ଗସ୍ତରେ ଆସି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ ଏବଂ ଅନ୍ୟାନ ବିଜେପି ନେତା କୃଷି ବିଭାଗ କାର୍ଯ୍ୟାଳୟକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ରଙ୍କ ସହ ଜିଲ୍ଲା ରେ କେତେ 'ସାର' ମହଜୁଦ୍ ଅଛି ଏହି ସମ୍ପର୍କରେ ଆଲୋଚନା କରିଥିବା ଦେଖାଯାଇଛି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୮ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ୪୮୦ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୨ ହଜାର ୪୪ ମେଟ୍ରିକ୍ ଟନ୍ ? ସାର ଆସିଛି। ଏନ୍ ?ପିକେ ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୬ ଶହ ୧୪ ମେଟ୍ରିକ୍ ଟନ୍ ସାର ଆସିଛି। ପଟାସ ସାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୪୮୦ ମେଟ୍ରିକ୍ ଟନ୍ ଆସିଛି। ସୁପର ସାର ୬ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୯ ହଜାର ୩୩୯ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରାମର୍ଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ୧୪୫ ସେବା ସମବାୟ ସମିତି ଓ ୩୯୬ ଜଣ ସ୍ୱୀକୃତି ପ୍ରାପ୍ତ ଡିଲରଙ୍କ ଜରିଆରେ ଚାଷୀ ମାନଙ୍କୁ ସାର ବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏହି ଆଲୋଚନା ସମୟରେ ଜିଲ୍ଲା ର ବରିଷ୍ଠ ବିଜେପି ନେତା ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାମନ୍ତରାୟ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର ସାମିଲ ଥିଲେ। ବିଜେପି ନେତା ମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା ପରେ ବିଭାଗ ପକ୍ଷରୁ ଚାଲିଥିବା ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ସମୀକ୍ଷା କରିଥିବା ଦେଖାଯାଇଛି। ବିଜେପି ନେତା ତ ?ଥା ଅଣ ସାମ୍ବିଧାନିକ ପଦବୀରେ ରହିଥ ?ିବା ନେତାଙ୍କୁ କେଉଁ ଭଳି ଭାବେ ସରକାରୀ କାର୍ଯ୍ୟରେ ସାମିଲ ହେବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅନୁମତି ଦେଲେ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ବିଜୁ ଜନତା ଦଳର ଅନେକ ବରିଷ୍ଠ ନେତା ଏହାକୁ ବିରୋଧ କରିଛନ୍ତି।

## ଅସ୍ତରଙ୍ଗ ପୋଲିସ ଦ୍ୱାରା ଦେଶୀ ମଦ ଜବତ, ମଦ ବ୍ୟବସାୟୀ ଗିରଫ

ଅସ୍ତରଙ୍ଗ, (ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ କଣମଣ ଗ୍ରାମର ବିଜୟ ନାୟକ ଙ୍କ ଘରେ ବୁଧବାର ପୂର୍ବାହ୍ନ ୧୧.୩୦ଟା ସମୟରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଙ୍କ ନେତୃତ୍ୱ ରେ ଏକ ଟିମ ଚଢ଼ାଉ କରି ଘର ଫାଟକ ସମୁଖରେ ଥିବା ପ୍ରଚୁର ଦେଶୀ ମଦ ଜବତ କରିଛନ୍ତି । ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ପୋଲିସ ପକ୍ଷରୁ ଅଚାନକ ବିଜୟ ଙ୍କ ଘରେ ଚଢ଼ାଉ କରିଥିଲେ ଚଢ଼ାଉ ବେଳେ ବିଭିନ୍ନ ଏରିଆ କୁ ଚୋରା ଚାଲାଣ ହେବାକୁ ଥିବା ୧୧୦ଲିଟର ଦେଶୀ ମଦ ବୋତଲ କୁ ଜବତ କରି ମଦ ସହିତ ଆସାମୀ କୁ ଥାନାକୁ ଆଣି ଏନ ଡ଼ି ପି ଏସ/ ଅବକାରୀ ଆଇନି ବଳରେ କେଶ ନମ୍ବର ୧୪୯/୨୫ରେ ଏକ ମାମଲା ରୁଜୁ କରି ମେଡିକାଲ ଟେଷ୍ଟ ପରେ କୋର୍ଟ ଚାଲାଣ କରିଛନ୍ତି।



## ଅଙ୍ଗନବାଡି ଦିଦିଙ୍କ ମନମାନିକୁ ନେଇ ଉତ୍ତେଜନା



ପାରାଦୀପ, (ମହାଭାରତ) : ଉତ୍ତେଜନା ପ୍ରବଣ ହୋଇପଡିଛି ପାରାଦୀପ ଉପକଣ୍ଠ ନୂଆଗଡ ପଞ୍ଚାୟତ ର ବିଜୟଚାନ୍ଦପୁର ଗାଁ । ଗ୍ରାମରେ ରହିଥିବା ଅଙ୍ଗନବାଡି କେନ୍ଦ୍ରର ଦିଦିଙ୍କ ମନମାନି କୁ ନେଇ ଗ୍ରାମର ସାମୁହିକ ମହିଳା ମାନେ ଉଠାଇଛନ୍ତି ବିଦ୍ରୋହ ର ସ୍ୱର । ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଗାଁ ରେ ଅଛି ଅଙ୍ଗନବାଡି କେନ୍ଦ୍ର, ହେଲେ ପିଲାଙ୍କୁ ମିଳୁନି ପାଠ ପଢାର ସୁବିଧା ନାଁ ମିଳୁଛି ସରକାରଙ୍କ ତରଫରୁ ଆସୁଥିବା ଛତୁଆ ଅଣ୍ଡା । ଯାହାକୁ ନେଇ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗ୍ରାମରେ ରହିଥିବା ଅଙ୍ଗନବାଡ଼ି ଦିଦି ଙ୍କ ଘର ସମ୍ମୁଖରେ ହୋହଲ୍ଲା କରିଛନ୍ତି । ଗ୍ରାମର ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗନବାଡ଼ି ଦିଦି ଙ୍କ ମନମାନି ରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଅଙ୍ଗନବାଡ଼ି ଦିଦି ନିଜ ଘରେ ପିଲାଙ୍କୁ ପଢ଼ାଉଛନ୍ତି, ପିଲାମାନଙ୍କ ପାଇଁ ସରକାର ଙ୍କ ତରଫରୁ ଆସୁଥିବା ଅଣ୍ଡା, ଛତୁଆ,ଡାଲି, ଚାଉଳ ସବୁ ପିଲା ଓ ମା ଙ୍କୁ ମିଳୁନାହିଁ କ୍ଷ ଏହାକୁ ଅଙ୍ଗନବାଡ଼ି ଦିଦି ହଡପ କରି ବିକ୍ରି କରୁଥିବା ନେଇ ଅଭିଯୋଗ ଆଣ୍ଡି ସହିତ ଏ ନେଇ କୁଜଙ୍ଗ ସିଡିପିଓ ଓ ଜିଲ୍ଲାପାଳ ଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ନୀତି ରେ ଲିପ୍ତ ଥିବା ଉକ୍ତ ଅଙ୍ଗନବାଡି ଦିଦିଙ୍କୁ ତୁରନ୍ତ ସରକାରଙ୍କ ତରଫରୁ ଛଟେଇ କରି ନୂତନ ଅଙ୍ଗନବାଡି ଦିଦି ନିଯୁକ୍ତି କରିବାକୁ ଦାବି ନେଇ ଗ୍ରାମରେ ମହିଳା ମାନେ ନାରାବାଜି କରିବା ସହିତ ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ଏହି ଅଙ୍ଗନବାଡି ଦିଦିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମହିଳା ମାନେ ଚେତାବନୀ ଦେଇଥିବା ବେଳେ ଆଜି ପରିସ୍ଥିତି ଉତ୍ତେଜନା ପ୍ରବଣ ହୋଇପଡିଛି । ଯାହାକୁ ନେଇ ପାରାଦୀପ ବିଜୟଚାନ୍ଦପୁର ଗାଁ ରେ ଦେଖିବାକୁ ମିଳିଛି ଉତ୍ତେଜନା ପରିସ୍ଥିତି । ଅଙ୍ଗନବାଡ଼ି ଦିଦିଙ୍କ ଘରକୁ ଘେରି ଧାରଣା ରେ ବସିଛନ୍ତି ଗ୍ରାମର ଶତାଧିକ ମହିଳା। ଅଙ୍ଗନବାଡ଼ି କେନ୍ଦ୍ରରେ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗରେ ଦିଦିଙ୍କ ଘର ଘେରାଉ କରିଛନ୍ତି ଗାଁର ଶତାଧିକ ମହିଳା,ଯାହାକୁ ନେଇ ଗ୍ରାମରେ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ଛତୁଆ, ଅଣ୍ଡା, ସୁଜି, ଲଡ୍ଡୁ, ଶୋଲା, ମୁଢି ଇତ୍ୟାଦିର ଦୁର୍ନୀତି ଅଭିଯୋଗ କରିଛନ୍ତି ମହିଳା। ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ ବାଳିକାମାନଙ୍କ ବୈଠକ ଠାରୁ ନେଇ ଶିଶୁଙ୍କ ପାଠ ପଢା ହେଉ ନଥିବା ଅଭିଯୋଗ ଆଣିବା ସହିତ କୌଣସି କାମ ଥିଲେ ଲାଞ୍ଚ ମାଗୁଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଧାରଣାରତ ମହିଳାମାନେ । ଯଦି କେହି ଏହାର ପ୍ରତିବାଦ କରୁଛନ୍ତି ତେବେ ଗ୍ରାମବାସୀଙ୍କୁ ଦିଦି ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରିକି ଚଞ୍ଚକତାପୂର୍ବକ ନିଜ ଝିଅକୁ ସେହି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗାଁ ଲୋକେ। ତେବେ ମହିଳା ମାନଙ୍କ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅଙ୍ଗନବାଡ଼ି ଦିଦି। କହିଛନ୍ତି ମୋ ପାଖରେ ସମ୍ପୂର୍ଣ୍ଣ ପ୍ରମାଣ ଅଛି । ହେଲେ ଏହି ଘଟଣା କୁ ନେଇ ସିଡିପିଓ ଆକ୍ସନ ମୁଡ଼ରେ ରହିଥିବା ନେଇ ଯାହା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି ।

## ଖରିଆରରୋଡ ଜୋନ୍ଙ୍କ ପୋଲିସକୁ ମିଳିଲା ସଫଳତା: ୨୪ ଘଣ୍ଟା ମଧ୍ୟରେ ଚାରି ଡକାୟତକୁ କଲା ଗିରଫ



ଖଡ଼ିଆଲ, (ମହାଭାରତ): ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ଜୋନ୍ଙ୍କ ପୋଲିସ କୁ ମିଳିଛି ଏକ ବଡ଼ ସଫଳତା । ଅଭିଯୋଗ ର ୨୪ ଘଣ୍ଟା ନ ପୁରୁଣୁ ଚାରିଗୋଟି ଡକାୟତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ଜୋନ୍ଙ୍କ ପୋଲିସ । ସେମାନଙ୍କ ଠାରୁ ଡକାୟତ ସାମଗ୍ରୀ ସହ ଡକାୟତ ରେ ବ୍ୟବହୃତ ମାରଣାସ୍ତ୍ର ଗୁଡିକୁ ମଧ୍ୟ ଜବତ କରିଛି ପୋଲିସ । ସୂଚନା ଅନୁସାରେ ଗତକାଲି ଦିନ ବାର ଟା ସମୟରେ ପ୍ରେମ ଚନ୍ଦ୍ର ଭୋଇ ତାଙ୍କ ଦୁଇ ସାଙ୍ଗ ଙ୍କ ସହ ଏକ ମୋଟର ସାଇକେଲ ଯୋଗେ ଯାଉଥିବା ସମୟ ରେ ଖରୀଆର ରୋଡ ଭାଟି ଛକ ନିକଟରେ ଚାରି ଜଣ ଅଚିହ୍ନା ଯୁବକ ଜୋର ଜବରଦସ୍ତ ଅଟକାଇ ପିସ୍ତଲ ଛୁରୀ ଦେଖାଇ ଜୀବନ ରେ ମାରିଦେବାର ଧମକ ଦେଇ ସେମାନଙ୍କ ଠାରୁ ୨୫୦୦ ଟଙ୍କା ସହ ମୋବାଇଲ୍ ଛଡାଇ ନେଇଥିଲେ । ଏହାକୁ ନେଇ ପ୍ରେମ ଚନ୍ଦ୍ର ଭୋଇ ଖରୀଆର ରୋଡ ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ଖରୀଆର ରୋଡ ଜୋନ୍ଙ୍କ ଥାନା ଆଇଆଇସି ଙ୍କ ନେତୃତ୍ୱ ରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣା ର ଛାନ୍ ଭିନ କରି ଘଟଣା ର ୨୪ ଘଣ୍ଟା ଭିତରେ ଡକାୟତ ମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଅଭିଯୁକ୍ତ ମାନେ ହେଲେ ଖରୀଆର ରୋଡ ଏଲ୍ଡି ପଡ଼ାର ବିକାଶ ବାଗ, ସମ୍ଭୁ କୁମାର, ଖଗେଶ୍ୱର ସାହୁ ଓ କ୍ରୀଷ୍ଣା ତାଣ୍ଡି ବୋଲି ଜଣା ପଡିଛି । ସେମାନଙ୍କ ଠାରୁ ୧୬୦୦ ଟଙ୍କା, ଦୁଇ ଗୋଟି ପିସ୍ତଲ୍, ଗୋଟିଏ ଛୁରୀ, ଦୁଇଗୋଟି ମୋବାଇଲ ସହ ଗୋଟିଏ ମୋଟର ସାଇକେଲ କୁ ଜବତ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଆହୁରି ଅଧିକ ତଦନ୍ତ ଜାରି ରଖିଥିବା ଖରୀଆର ରୋଡ ଜୋନ୍ଙ୍କ ଆଇଆଇସି ପ୍ରଦୀପ କୁମାର ଧରୁଆ ସୂଚନା ଦେଇଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପଞ୍ଜୀକରଣ ପାଇଁ ନୂତନ ମାର୍ଗଦର୍ଶିକାକୁ ନେଇ ଚାଷୀ ଅସନ୍ତୁଷ୍ଟ

ବାଲିପାଟଣା (ମହାଭାରତ)ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣକୁ ନେଇ ରାଜ୍ୟ ସରକାର ଜାରି କରିଥିବା ନୂତନ ମାର୍ଗଦର୍ଶିକାକୁ ଚାଷୀମାନେ ନାପସନ୍ଦ କରିଛନ୍ତି । ପରିବର୍ତ୍ତିତ ନୂତନ ନିୟମରେ ରେକର୍ଡଧାରୀ ଚାଷୀଙ୍କ ପାଇଁ କୌଣସି ସମସ୍ୟା ନାହିଁ ।ପୂର୍ବପରି ପଞ୍ଜୀକରଣ ହେବ । କିନ୍ତୁ ଜମି ରେକର୍ଡଧାରୀ ଚାଷୀର ଯଦି ମୃତ୍ୟୁ ହୋଇଥାଏ, ତେବେ ଉତ୍ତରାଧିକାରୀଙ୍କୁ ଧାନକାର୍ଡ ପଞ୍ଜୀକରଣ ପାଇଁ ସମସ୍ୟା ହେବ । ନୂତନ ଗାଇଡଲାଇନ୍ ଅନୁଯାୟୀ ମୃତ ଚାଷୀଙ୍କ ପରିବାର ରାଜସ୍ୱ ନିରିକ୍ଷକଙ୍କ ଠାରୁ ବଂଶାବଳୀଙ୍କ ତଥ୍ୟ ଆଣିବେ। ସେଥିରେ ବଂଶର ସମସ୍ତ ପୁରୁଷ ଓ ମହିଳା ଜମିର ସମାନ ହକଦାର ରହିବେ ଏବଂ ସମସ୍ତଙ୍କ ନାମ ପଞ୍ଜୀକରଣ କରାଯାଇ ସମସ୍ତେ ଧାନ ବିକ୍ରୀ ପାଇଁ ବ୍ୟବସ୍ଥା କରାଯିବ । ଜମି ଚାଷ କରୁଥିବା ଚାଷୀ ଯଦି ନିଜ ନାମରେ ସମୁଦାୟ ଜମିର ଧାନବିକ୍ରି ପାଇଁ ଧାନକାର୍ଡ ଲାଗି ନାମ ପଞ୍ଜୀକରଣ କରିବାକୁ ଚାହିଁବ ତେବେ ସମ୍ପୃକ୍ତ ଚାଷୀକୁ ଜମିର ସମସ୍ତ ଅଂଶୀଦାରଙ୍କୁ ସେବା ସମବାୟ ସମିତିକୁ ଆଣି ଆଖି ସ୍କାନ୍ କରିବା ସହ ଅଂଶୀଦାରମାନେ ନିଜର ସହମତି ପାଇଁ ସ୍ୱାକ୍ଷର କରିବେ। ଏହାପରେ ଓଟିପି ଦେଲା ପରେ ଯାଇ ପଞ୍ଜୀକରଣ ହୋଇ ଧାନକାର୍ଡ ତିଆରି ହେବ। ଏହା ଚାଷୀମାରଣ ନୀତି ବୋଲି ଚାଷୀମାନେ ପ୍ରତିକ୍ରିୟା ରଖୁଛନ୍ତି । ଏବେ ଚାଷକାମ ଜୋର୍ସୋର୍ରେ ଚାଲିଥିବା ବେଳେ ପଞ୍ଜୀକରଣ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି । ଚାଷୀମାନଙ୍କ ପାଇଁ ଏତେ କଡା ଆଇନ୍ କାହିଁକି ବୋଲି ପ୍ରଶ୍ନ ହେଉଛି । ପୂର୍ବରୁ ଏକଜିମାଲି ପଟ୍ଟା ଥିବା ଚାଷୀମାନେ ଅଦାଲତ କିମ୍ବା ନୋଟାରୀ ଠାରୁ ଶପଥପାଠ ଏବଂ ସରପ□ଙ୍କ ପ୍ରମାଣପତ୍ର ଦାଖଲକରି ଧାନ ବିକ୍ରି କରୁଥିଲେୟ କିନ୍ତୁ ଏବେ ନୂତନ ସରକାରଙ୍କ ନୂତନ ଆଇନ ଆମକୁ ହରଡ଼ଘଣାରେ ପକାଇଛି ବୋଲି କହିବା ସହ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କାରଣ ହେଲା ୭୦/୮୦ ଭାଗରୁ ଅଧିକ ଜମି ଏକଜିମାଲି ପଟ୍ଟାଧାରୀ ଦଖଲରେ ରହିଛି। ଅନେକ ପରିବାର ସଦସ୍ୟ ଜିଲ୍ଲା ଓ ରାଜ୍ୟ ବାହାରେ ଭିନ୍ନ ଭିନ୍ନ ସ୍ଥାନରେ ରହି କାମଧନ୍ଦା କରୁଥିବା ବେଳେ ଉକ୍ତ ପରିବାରର ଗାଁରେ ରହି ଚାଷ କରୁଥିବା ଚାଷୀ ସମସ୍ତଙ୍କୁ ସେବା ସମବାୟ ସମିତିକୁ ଡାକିଆଣି ସ୍ୱାକ୍ଷର କରିବା ଏବଂ ଚକ୍ଷୁ ସ୍କାନ୍ କରିବା କେତେ କାଠିକର ପାଠ ତାହା ମାର୍ଗଦର୍ଶିକା ପ୍ରସ୍ତୁତକାରୀ ଜାଣିପାରିବେ ନାହିଁ । ଏହି ନୂତନ ଗାଇଡଲାଇନ ଯୋଗୁଁ ୭୦/୮୦ ଭାଗ ଚାଷୀ ଧାନକାର୍ଡ ତିଆରିରୁ ବଞ୍ଚିତ ହେବେ। ଉତ୍ପାଦିତ ଧାନ ବିକ୍ରି କରିବାରେ ଘୋର ସମସ୍ୟାର ସମ୍ମୁଖୀନ ହେବେ ।ଫଳରେ ସେମାନେ ଅଭାବୀ ବିକ୍ରି ଜାଲରେ ଛନ୍ଦିହୋଇ କମ ଦରରେ ଧାନ ବିକ୍ରି କରିବାକୁ ବାଧ ହେବେ। ଏହାଦ୍ୱାରା ଚାଷୀ ଭୀଷଣ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାସହ ଗଭୀର ଅର୍ଥନୈତିକ ପ୍ରଭାବ ପଡିବ ବୋଲି ଚାଷୀମାନେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଏହି ନୂତନ ମାର୍ଗଦର୍ଶିକା ଅସାଧୁ ବେପାରୀ ଓ ଦଲାଲଙ୍କୁ ଅଧିକ ସକ୍ରିୟ କରିବାରେ ବାଟ ଖୋଲିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି । ଚାଷୀମାନେ ଅଧିକ ଶୋଷଣର ଶିକାର ହେବେ। ତେଣୁ ଚାଷୀଙ୍କ ବୃହ□ର ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ଏହି କଟକଣାପୂର୍ଣ ନୂତନ ମାର୍ଗଦର୍ଶିକାକୁ ଶୀଘ୍ର ପ୍ରତ୍ୟାହାର କରି ଚାଷୀଙ୍କୁ ସୁହାଇଲା ଭଳି ସରଳ ଓ ସହଜ ମାର୍ଗଦର୍ଶିକା ଜାରି କରାଯାଉ ବୋଲି ଚାଷୀମହଲରେ ଦାବି ହେଉଛି।

## ୧୧ ସିଆରର୍ସିସିଙ୍କୁ ମିଳିଲା ନିଯୁକ୍ତି

ହାଟଡିହ(ମହାଭାରତ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ତଦାରଖ ଏବଂ ଶିକ୍ଷକମାନଙ୍କୁ ଶୈକ୍ଷିକ ପରାମର୍ଶ ଦେବା ପାଇଁ ପ୍ରତି କ୍ଲଷ୍ଟର ମାନଙ୍କରେ ଜଣେ ଲେଖାଏଁ ସିଆରସିସିଙ୍କୁ ନିଯୁକ୍ତ କରାଯାଏ। ଏହି କ୍ରମରେ ଗତକାଲି ନିଯୁକ୍ତି ପାଇଥିବା ୧୧ଜଣ ସିଆ ସିଆରସିସିଙ୍କୁ ଆଜି କାଉନସିଲିଂ କରାଯାଇ ବିଭିନ୍ନ କ୍ଲଷ୍ଟରରେ ନିଯୁକ୍ତି ଦିଆଯାଇଛି ।ସୁମନ୍ତ କୁମାର ନାୟକଙ୍କୁ ମରେଇଗାଁ, ଆକାଶ କୁମାର ସାହୁ ମୁଗୁପୁର, ଦେବାଶିଷ । ସୌଭାଗ୍ୟ ରଞ୍ଜନ ବାରିକଙ୍କୁ ହାଟଡିହି, ନିରଞ୍ଜନ ପଣ୍ଡାଙ୍କୁ ଢେଙ୍କା, ରାଜେନ୍ଦ୍ର ଚନ୍ଦ୍ର କୁମାର ବଳଙ୍କୁ ସଡଙ୍ଗ, ବିଶ୍ୱଜିତ ରାଉତଙ୍କୁ ବାଲି ବରେଇ, ବିକାଶ କୁମାର ବାରିକଙ୍କୁ ପଢ଼ିଆରିପଲ୍ଲୀ, ପଙ୍କଜ କୁମାର ରାଉତଙ୍କୁ ରାଇଘାଟି, ଆର୍ତ୍ତତ୍ରାଣ ଜେନାଙ୍କୁ କୁ ଆମ୍ଭୋ, ଚନ୍ଦନ ଶଙ୍ଖୁଆଙ୍କୁ ବା, ସତ୍ୟ ନାରାୟଣ ଗିରିଙ୍କୁ ହଦଗଡ କ୍ଲଷ୍ଟର ସିଆରସି ସିଆରସିସି ଭାବେ ନିଯୁକ୍ତି ମିଳିଛି।

## ଟାକରା ହଷ୍ଟେଲରୁ ନିଖୋଜ ୪ ଅନ୍ତେବାସୀ ବିଦ୍ୟାଳୟ କୁ ଫେରିଲେ

ଦଶପଲ୍ଲା,(ମହାଭାରତ): ବିଭିନ୍ନ ସମୟରେ ନାନା ବିବାଦକୁ ନେଇ ଛନ୍ଦି ହୋଇ ରହୁଥିବା ଟାକରା ସରକାରୀ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ, ବେପାରୁଆ ମନୋଭାବ ଓ ଦାୟୀତ୍ୱହୀନତା ଆଜି ପଦାରେ ପଡ଼ିବା ସହିତ ଦାଣ୍ଡରେ ପଡି ହାଟରେ ଗଡୁଛି । ମଙ୍ଗଳବାର ମଧ୍ୟାହ୍ନ ରୁ ୪ଜଣ ୮ମ ଶ୍ରେଣୀ ଅନ୍ତେବାସୀ ଛାତ୍ର ନିଖୋଜ ହୋଇଯାଇଥିବା ଘଟଣା ଚର୍ଚ୍ଚା ହୋଇଥିବା ବେଳେ, ବ୍ଲକ ସ୍ତରରୁ ଜିଲ୍ଲା ସ୍ତରରେ ଆରମ୍ଭ ହୋଇଥିଲା ତନାଘନା । ଘଟଣା ସାମ୍ନାକୁ ନ ଆସିବା ପାଇଁ କର୍ତ୍ତୃପକ୍ଷ ଯେନତେନ ଆପ୍ରାଣ ଉଦ୍ୟମ କରିଥିବା ବେଳେ, ୪ ଛାତ୍ରଙ୍କ ଅଭିଭାବକ ପିଲାଙ୍କୁ ସୁରକ୍ଷିତ ଦେଖିବା ପାଇଁ ବିଦ୍ୟାଳୟ ଫାଟକ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଗିବସିଥିଲେ। ପରେ ଘଟଣାକୁ ଚାପି ଦେବାକୁ ଯାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ । ଦୀର୍ଘ ୧୦ ଘଣ୍ଟା ପରେ ଅର୍ଥାତ ଗତକାଲି ରାତି ପ୍ରାୟ ୧୧:୩୦ ସମୟରେ ନିଖୋଜ ହୋଇଥିବା ୪ ଛାତ୍ରଙ୍କୁ ବିଦ୍ୟାଳୟ ଠାରୁ ପ୍ରାୟ ୨୦ ରୁ ୨୫ କିଲୋମିଟର ଦୂର ଘୁଗୁଡ଼ିପଡ଼ା ପଂଚାୟତର ଝାଟେକିବେରେଣା ଠାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଠାବ କରି ବିଦ୍ୟାଳୟକୁ ଆଣିଥିଲେ। ଅନ୍ୟପକ୍ଷେ ଏ ଘଟଣା ଅଭିଭାବକଙ୍କ ପାଖରେ ପହଂଚିବା ପରେ ସେମାନେ ଭୟଭୀତ ହୋଇ ରାତି ଅଧରେ ବିଦ୍ୟାଳୟ ସମ୍ମୁଖରେ ନିଜର ପିଲାଙ୍କୁ ଦେଖିବା ପାଇଁ ଜଗି ବସିଥିଲେୟ ଖାଲି ସେତିକି ନୁହେଁ ବରଂ ପୂର୍ବରୁ ବିଦ୍ୟାଳୟରେ ପାଣି ସମସ୍ୟା ଦର୍ଶାଇ ଛୋଟ ପିଲାଙ୍କୁ ଗାଧେଇବା ପାଇଁ ଖରସ୍ରୋତା ବୃ□ଙ୍ଗ ନଦୀକୁ ଛାଡ଼ିଦେବା ଘଟଣା ଭିଡିଓ ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ ହୋଇଥିଲାୟ ସାଧାରଣରେ ପ୍ରଶ୍ନ ଉଠେ ଯେଉଁ ବୃତ୍ତଙ୍ଗ ନଦୀରେ ଗତ ବର୍ଷ ବୁଡ଼ିଯାଇ ୩/୪ ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିଲେ, ସେହି ନଦୀକୁ ବିଦ୍ୟାଳୟର କୌଣସି ଷ୍ଟାଫ କୁ ନ ପଠାଇ କେଉଁ ଭଳି ଏକାକୀ ପିଲାମାନଙ୍କୁ ପଠାଇ ଦେଉଛନ୍ତି ସ୍କୁଲ କର୍ତ୍ତୃପକ୍ଷ ? ଏବେ ପୁଣି ନିଖୋଜ ହେବା ଘଟଣା । ଏ ସମସ୍ତ ଘଟଣା କୁ ଦେଖିଲା ମାତ୍ରେ ଟାକରା ହାଇସ୍କୁଲ ଆଉ ଛାତ୍ରଛାତ୍ରୀ ଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ସର୍ବସାଧାରଣରେ ଚର୍ଚ୍ଚା ହେଉଅଛି । ଏ ସମସ୍ତ ଖବର ଜାଣିବାପରେ ବିଭାଗୀୟ ଅଧିକାରୀ ଆଜି ବିଦ୍ୟାଳୟରେ ପହଂଚି ତଦନ୍ତ କରୁଥିବା ବେଳେ ,ଏହାରି ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବିଭାଗୀୟ ଅଧିକାରୀ ନା ଖାଲି ତାଗିଦ କରି ଘଟଣା କୁ ଚାପି ଦିଆଯାଉଛି ତାହା ଦେଖିବାକୁ ବାକି ରହିଲା।

## ନକଲି ବିହନର ଚକ୍ରବ୍ୟୂହରେ ତଳି ତଳାନ୍ତ ନିରୀହ ଚାଷୀକୁଳ !




ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଏକ କୃଷିପ୍ରଧାନ ଜିଲ୍ଲା ।ଜିଲ୍ଲାର ସିଂହଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ସହିତ ଜଡିତ ।ପ୍ରମୁଖ ଧାନ ଚାଷକୁ ଛାଡି,କପା, ଡାଲିଯାତୀୟ ଫସଲ, ଓ ବ୍ୟାପକ ଭାବେ ପନିପରିବା ଚାଷ କ୍ରମାନ୍ୱୟରେ ବୃଦ୍ଧି ପାଉଛ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ପନିପରିବା ଚାଷର ସଫଳ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମନ କି ବାତ କାର୍ଯ୍ୟକ୍ରମରେ ପ୍ରଶଂସା ମଧ କରି ସାରିଛନ୍ତି ।ଜିଲ୍ଲାରେ ଧାନର ଦ୍ୱିଫସଲୀ ଅମଳ ଯୋଗୁଁ ଧାନ ବିହନର ଚାହିଦା ରହିଛି ।ୟଜିଲ୍ଲା କୃଷିବିଭାଗ, ଭବାନୀପାଟଣା ଏଡିଓ ଅଧିନସ୍ଥ ଭବାନୀପାଟଣା, କେସିଙ୍ଗା,ଥୁଆମୂଳ ରାମପୁର ବ୍ଲକ ପାଇଁ ୯୭୭ କୁଇଣ୍ଟାଲ,ଏଡିଓ ନର୍ଲା। ଅଧିନସ୍ଥ ନର୍ଲା, ରାମପୁର, କର୍ଲାମୁଣ୍ଡା,ଲାଞ୍ଜିଗଡ଼ ବ୍ଲକ ପାଇଁ ୧୩୩ କୁଇଣ୍ଟାଲ, ଏଡିଓ ଧର୍ମଗଡ଼ ଅଧିନସ୍ଥ ଧର୍ମଗଡ଼, କୋକସରା, ଗୋଲାମୁଣ୍ଡା ବ୍ଲକ ପାଇଁ ୪୩୭୧ କୁଇଣ୍ଟାଲ ଓ ଜୁନାଗଡ଼ ଏଡିଓ ଅଧିନସ୍ଥ ଜୁନାଗଡ଼, ଜୟପାଟଣା, କଲମପୁର ବ୍ଲକ ପାଇଁ ୧୫୧୯,ସମୁଦାୟ ସାତ ହଜାର କୁଇଣ୍ଟାଲ ଧାନ ବିହନ ଚଳିତ ରବିରେ ଆଶ୍ୟକତା ଥିବା ଜଣାଯାଇଛି ।ଏହି ଆବଶ୍ୟକ ଧାନ ବିହନ କିସମ ମଧ୍ୟରେ ଖଣ୍ଡଗିରି, ସହଭାଗୀ, ସ୍ୱର୍ଣ୍ଣଶ୍ରୀୟା,ଲଲାଟ, ୧୦୦୧, ୧୦୧୦, ୧୦୫୩ ଚନ୍ଦ୍ରା, ୧୧୫୬ ତରଙ୍ଗିନୀ, ୧୨୧୦ କିସମ ରହିଥିବା ଜଣାଯାଇଛି । ଧାନ ବିହନର ଚାହିଦା ଯୋଗୁଁ ଅନେକ ସ୍ଥାନରେ ବିନା ସରକାରୀ ସ୍ୱୀକୃତିରେ ମୁନାଫା ଲୋଭରେ ବ୍ୟବସାୟୀ ମାନେ ଚାଷୀଙ୍କୁ ନକଲି ବିହନ ବିକୁଥିବା ଅଭିଯୋଗ ହେଉଥିବା ବେଳେ ନିରୀହ ଚାଷୀ ନକଲି ବିହନର ଶିକାର ହୋଇ ବ୍ୟାପକ ହଇରାଣ ହେଉଛନ୍ତି ।ସହରଠୁ ଗ୍ରାମା□ଳରେ ଅନେକ ବିହନ,ସାର, କୀଟ ନାଶକ ଦୋକାନ ରହିଥିବା ବେଳେ, ବିକ୍ରି ସାମଗ୍ରୀର ଗୁଣବ□। ସାଙ୍ଗକୁ ବିକ୍ରି ସୀକୃତିର ତଦାରଖ ସଠିକ ଭାବେ ହେଉ ନ ଥିବାରୁ ଚାଷୀମାନେ ନକଲି ବିହନ କିଣି ହଇରାଣ ହେଉଛନ୍ତି। ସ୍ୱୀକୃତି ପ୍ରାପ୍ତ ବିକ୍ରେତାଙ୍କ ବିକ୍ରି ପରିମାଣ କମୁଥିବା ବେଳେ,ଅଣସୀକୃତି ପ୍ରାପ୍ତଙ୍କ ବିକ୍ରି ବଢି ଯାଉଥିବା ଅନୁମାନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀଙ୍କ ହିତପାଇ ଏକ ଯୋଜନା ବଦ୍ଧ ଭାବେ ତଦାରଖ କରି ନକଲି ବିହନ ବିକ୍ରେତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଚାଷୀ ଉପକୃତ ହୁଅନ୍ତେ ।ନକଲି ବିହନ ପ୍ରାଦୁର୍ଭାବ ରୋକିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ବଜ୍ରପାତରେ ଶିଖରପୁର ଗାଁ ଜଣେ ମୃତ୍ୟୁ ତିନି ଆହତ

ଓଡ଼ଗାଁ, ( ମହାଭାରତ ) : ଆଜି ନୟାଗଡ଼ରେ ଘନଘନ ବଜ୍ରପାତ ହୋଇଛ। ଏହି ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଶରଣକୁଳ ଥାନା ଅନ୍ତର୍ଗତ ଶିଖରପୁର ଗାଁ ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଆଜି ଅପରାହ୍ନରେ ରେ ଶିଖରପୁର ଗାଁ ସୁଦର୍ଶନ ପଲେଇ (୬୦), ମଦନ ପରିଡା (୫୮), ଶଙ୍କର୍ଷଣ ପରିଡା ( ୪୮) ଏବଂ ଦୁଃଶାସନ ପାଳ (୫୦) ଧାନ ବିଲରେ ଧାନ ତଳି ଲଗାଉଥିଲା ବେଳେ ଅଚାନକ ଆକାଶ ରେ କଳା ହାଣ୍ଡିଆ ମେଘ ଶହ ଘନଘନ ବଜ୍ରପାତ ହୋଇଥିଲା। ତେବେ ସେହି ବଜ୍ରପାତରେ ଶିଖରପୁର ଗାଁ ର ସୁଦର୍ଶନ ପଲେଇ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମଦନ ପରିଡା, ଶଙ୍କର୍ଷଣ ପରିଡା ଏବଂ ଦୁଃଶାସନ ପାଳ ଗୁରୁତର ଆହାତ କରିଥିଲେ। ଆହତ ମାନଙ୍କୁ ସ୍ଥାନୀୟ ବାସିନ୍ଦା ଙ୍କ ମାଧ୍ୟମରେ ତୁରନ୍ତ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିବା ବେଳେ ମୃତ୍ୟୁ ସୁଦର୍ଶନ ପଲେଇ ଙ୍କୁ ଶରଣକୁଳ ଥାନା ପୁଲିସ ଜବ୍ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସରପଞ୍ଚ ଙ୍କୁ ବିରୋଧ କରି ବନ୍ଦ ହେଲା ନିଲାମ ପ୍ରକ୍ରିୟା

ହାଟଡିହ(ମହହାଭାରତ): ହାଟଡିହି ବ୍ଲକ ମରେଇଗାଁ ପଞ୍ଚାୟତ ରେ ବୁଧବାର ଦେଖିବାକୁ ମିଳିଥିଲା ରୋଚକ ଦୃଶ୍ୟ। ଯାହାକି ସରପଞ୍ଚ ଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ୱାର୍ଡ ମେମ୍ବର ମାନେ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲ୍ଲାପାଳଙ୍କୁ ଫେରାଦ ହେବା ପରେ କିପରି ନିଲାମ ପ୍ରକ୍ରିୟା ଆରମ୍ଭ ହେବ ତାକୁ ନେଇ ସମସ୍ତେ ପ୍ରଶ୍ନ କରିଥିଲେ। କିଛି ସମୟ ଧରି ପଞ୍ଚାୟତ ରେ ଉତ୍ତେଜନା ଦେଖାଯିବା ପରେ ନନ୍ଦିପଦା ପୋଲିସ ପହଁଚି ଥିଲା। ଏହି ନିଲାମ ପ୍ରକ୍ରିୟା ରେ ମରେଇଗାଁ ସରପଞ୍ଚ ସତ୍ୟଭାମା ଜେନା ହାଟଡିହି ବ୍ଲକ ଜିପିଓ ଦେବ ଜ୍ୟୋତି ପରମ ବ୍ରହ୍ମ ଦାସ ,ଶରତ କୁମାର ବେଜ୍ ରହି ଥିବା ବେଳେ ସମସ୍ତ ୱାର୍ଡ ସଭ୍ୟ ମାନେ ଯୋଗ ଦେଇଥିଲେ। ଉଭୟ ସରପଞ୍ଚ ୱାର୍ଡ ସଭ୍ୟଙ୍କ ମଧ୍ୟରେ ଛକା ପଞ୍ଝା ଚାଲିଥିବା ବେଳେ ବିଜେପି ନେତ୍ରୀ ତୃପ୍ତି ମୟୀ ସମାଧାନ ସ୍ୱରୁପ ଆସନ୍ତା ୮ ତାରିଖ ହେବାକୁ ରଖାଗଲା।

## ସମସ୍ୟା ଘେରରେ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର




ଦଶପଲ୍ଲା,(ମହାଭାରତ): ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ ର ଯତ୍ନକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଅନେକ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି। ନିରବଛିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାର ଓ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ତତ୍ପର। ମାତ୍ର ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ କିନ୍ତୁ କାର୍ଯ୍ୟ ସମ୍ପୂର୍ଣ ଓଲଟା ।ଏଭଳି ବ୍ୟତିକ୍ରମ ଦେଖାଯାଇଛି ନୟାଗଡ ଜିଲ୍ଲା ଦଶପଲ୍ଲା ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଜଣେ ସ୍ପେସିଆଲିଷ୍ଟ ଡାକ୍ତର ପୋଷ୍ଟିଙ୍ଗ ପାଇଁ ନିୟମ ଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ହୋଇନାହିଁ। ପାଞ୍ଚ ଜଣ ଡାକ୍ତର ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଡାକ୍ତର ପିଜି କରିବାକୁ ଯାଇଛନ୍ତି। ଆଉ ତିନି ଜଣ ପାଳି କରି ରୋଗୀ ଦେଖୁଛନ୍ତି। ଏଥିପାଇଁ ରୋଗୀଙ୍କୁ ନାହିଁ ନ ଥିବା ସମସ୍ୟା ଭୋଗିବାକୁ ପଡୁଛି। ଆଜି ଜଣେ ଡାକ୍ତର ଗୋଟିଏ ଔଷଧ ଲେଖିଥିବା ବେଳେ ଅନ୍ୟ ଦିନକୁ ଯିବାବେଳେ ଆଉ ଜଣେ ଡାକ୍ତର ଅନ୍ୟ କିଛି ଔଷଧ ଲେଖୁଛନ୍ତି। ଅନ୍ୟ ଏକ ସମସ୍ୟା ହେଉଛି ଡାକ୍ତର ଙ୍କ ମଧ୍ୟରେ ତାଳ ମେଳ ରହୁନି। ଜଣେ ଡାକ୍ତର ଆସିବା ପରେ କାର୍ଯ୍ୟ ରେ ଯୋଗ ଦେବା ପରେ ଆଉ ଜଣେ ରିଲିଭ ନେବା କଥା କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନ୍ୟ ସମସ୍ୟା ମଧ ରହିଛି। ପ୍ରଥମତଃ ସ୍ଥାୟୀ କିରାଣୀ ନାହାନ୍ତି। ପୋଷ୍ଟିଙ୍ଗ ଥିବା କିରାଣୀ ମଧ ଠିକରେ ଆସୁନଥିବା, ହୋମିଓପାଥି ଡାକ୍ତର ଙ୍କୁ ଅନ୍ୟ ସ୍ଥାନ କୁ ପଠା ଯାଉଥିବାରୁ ସେ ମଧ୍ୟ ଅନୁପସ୍ଥିତ ରହୁଛନ୍ତି। ଅଫିସିଆଲ କାମ ଆଳରେ କେତେକ କର୍ମଚାରୀ ସପ୍ତାହକୁ ତିନି ଦିନ ଆସୁଛନ୍ତି ଓ ଅନ୍ୟ ଦିନ ଆସୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ର ଅନେକ କାର୍ଯ୍ୟକ୍ରମ ଗୁଡିକ ସଠିକ ଭାବରେ କରା ନ ଯାଇ ବିଲ ପାସ କରି ଅର୍ଥ ହରିଲୁଟ କରାଯାଉଛି ବୋଲି ଶୁଣାଯାଉଛି। ପ୍ରତି ମାସର ୯ ତାରିଖ ରେ ହେଉଥିବା ଗର୍ଭବତୀ ଙ୍କ ପାଇଁ ସରକାରୀ ଅନୁଦାନ ରନ୍ଧା ଖାଦ୍ୟ ଦେବା ହିସାବରେ ଆସୁଥିବା ବେଳେ ତାହା ମଧ ଦିଆଯାଉନାହିଁ। କାଗଜ କଲମ ରେ ସବୁ ସଠିକ ଦର୍ଶାଇ ସରକାରୀ ଅର୍ଥ ହରିଲୁଟ ହେଉଥିବା ମଧ ଶୁଣାଯାଉଛି। ତେବେ ଷ୍ଟାଫ ଙ୍କ ରହିବା ପାଇଁ ମଧ ଆବଶ୍ୟକୀୟ ଘର ନାହିଁୟ ରୋଗୀ ଙ୍କ ନିମି□ ନୂତନ ଗୃହ ପାଇଁ ୧୭ କୋଟି ବ୍ୟୟରେ ଘର ହେବା କଥା ଗତ ଦୁଇ ବର୍ଷ ହେଲା ଶୁଣାଯାଉଛି। ତେବେ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସଠିକ ଭାବେ ତଦାରଖ ନ କରିବା ଓ ଦଶପଲ୍ଲା ରେ ଥାଇ ସମସ୍ତ କାର୍ଯ୍ୟ ବୁଝୁଛନ୍ତି। ଏଣୁ ଅଫିସ ଗୃହ ମଧ୍ୟଖଣ୍ଡ ରେ ଅଛି ମାତ୍ର ସବୁ କାର୍ଯ୍ୟ ଦଶପଲ୍ଲା ରେ ହେଉଥିବା ଶୁଣାଯାଉଛି। ସମସ୍ତ ସମସ୍ୟା କୁ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ତଥା ସଚିବ ଗୁରୁତ୍ୱ ଦେଇ ସଠିକ ଭାବେ ତଦାରଖ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛ। ଦେଖାଯାଉ ନୂତନ ସରକାର ତଥା ଲୋକଙ୍କ ସରକାର ମୋହନ ସରକାର ଏ ଦିଗରେ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ବୃଦ୍ଧା ବୟସରେ ଗଛ ଲଗେଇବା ନିଶା, ରାତିରେ ଶୋଇଦେଉନି



ହାଟଡିହି କିଏ କେଉଁ ଥିରେ ଖୁସି ଦର୍ଶକ ବନ୍ଧୁ। ହଁ ଦର୍ଶକ ବନ୍ଧୁ କଥାରେ ଅଛି ଯାହା ମୁଁ କରଇ ,ଯାହା ମୁଁ ଚିନ୍ତାଇ ,ଯାହା ମୁଁ ଭାବାଇ ମନେ ଜଗତର ନାଥ ପରମଈଶ୍ୱର ଦେଖୁଛନ୍ତି ପ୍ରତି କ୍ଷଣେ। ସେହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ର ସଢ଼ା ପଞ୍ଚାୟତ ରେ। କିଏ ସାରା ଜୀବନ ଖୁସିରେ ରହିବା ପାଇଁ ପିଲା ମାନଙ୍କୁ ବଡ ମଣିଷ କରୁଛି ତ କିଏ ପୁଣି ଅବସରଜୀବନ ଲୋକଙ୍କ ପାଇଁ ଉତ୍ସର୍ଗୀ ଦେଉଛି। ସେହିପରି ଜଣେ ମଉସା ନା ତାଙ୍କର ନିତ୍ୟାନନ୍ଦ ବେହେରା ସମସ୍ତେ ଶ୍ରଦ୍ଧା ରେ ଡାକନ୍ତି ନିତିଆ ନାୟ। କିଏ ସକାଳୁ ଉଠି ପର ପିଣ୍ଡା ରେ ପର କଥା ଆଲୋଚନା କରୁଥିବା ବେଳେ ନିତିଆ ନା ସକାଳେ ହେଲେ ଚିନ୍ତା କରନ୍ତୁ କୋଡ଼ିଏ ଟି ଲିମ୍ବୁ ଗଛ କେମିତି ଲଗାଇବେୟ ଗାଁ ରାସ୍ତା ଘାଟ ପୋଖରୀ କୂଳ ତାଙ୍କ ପାଇଁ ପ୍ରକୋଷ୍ଠ ସ୍ଥାନ। ଦୁଇ ବର୍ଷ ପୂର୍ବେ ଜଗଣାଥ ତାଙ୍କୁ ସ୍ୱପ୍ନ କୃତ ହୋଇ ଲିମ୍ବ ସବୁଠି ଲଗାଇବା ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଠାରୁ ଠାକୁର ଙ୍କ ଆଜ୍ଞା କୁ ଅବଜ୍ଞା ନକରି ପ୍ରତିଦିନ ସକାଳେ ଖୋଜନ୍ତି ଲୀମ୍ବୁ ଗଛ। ଏଥିପାଇଁ ନାତାଙ୍କୁ ମିଳିଛି ସହାୟତା ନା କମୁଛି ମନୋବଳ। କାହା କଥା କୁ ଖାତିର ନକରି ଜଗଣାଥ ପାଇଁ ଲିମ୍ବ ଗଛ ଲଗାଇ ଲୋକଙ୍କୁ ସୁସ୍ଥ ରଖିବାକୁ କରିଛନ୍ତି ପଣୟ ଏହାକୁ ନେଇ ଗ୍ରାମବାସୀ ମାନେ ବେଶ୍ ତାଙ୍କୁ କୃତଜ୍ଞତା ଜଣାଇଛନ୍ତ।

## ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଶକ୍ତି କାଫେକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଛନ୍ତି ।ଜିଲ୍ଲାରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯିବା ସହିତ ମହିଳାଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଇଛି । ସେଥିମଧ୍ୟରୁ ସୁଭଦ୍ରା ଶକ୍ତି ମାଧ୍ୟମରେ ମହିଳା ମାନେ ସ୍ୱାବଲମ୍ବୀ ହୋଇ ଦୁଇ ପଇସା ରୋଜଗାର କରି ପରିବାର ଚଳାଇ ପାରୁଛନ୍ତି । ଏ ଦିଗରେ ମହିଳାଙ୍କୁ ବ□ିବାର ବାଟ ଦେଖାଇଛି ମିଶନ ଶକ୍ତି ବିଭାଗ । ସ୍ଥାନୀୟ ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ସୁଭଦ୍ରା ଶକ୍ତି କାଫେ ପରିଚାଳନା କରିବା ପାଇଁ ପ୍ରଦାନ କରାଯାଇଛି। ଏଥିସହ କାଫେ ଦାୟିତ୍ୱରେ ଥିବା ମହିଳାମାନଙ୍କ ସହତ ଜିଲ୍ଲାପାଳ ଆଲୋଚନା କରିଥିଲେ ।ମହିଳା ଉଦ୍ୟୋଗୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସଫଳତା କରାଇବା ପାଇଁ ଉତ୍ସାହିତ କରିଥିଲେ । ମହିଳାମାନଙ୍କୁ ସେମାନଙ୍କର ନିଜର ବ୍ୟବସାୟ ଆରମ୍ଭ କରିବା ଏବଂ ରୋଜଗାର କରିବାର ସୁଯୋଗ ଯୋଗାଇବାର ମହିଳାମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାଫେରେ ସୁଲଭ ମୂଲ୍ୟରେ ବିଭିଡ ଖାଦ୍ୟ ଗ୍ରାହକଙ୍କୁ ଯୋଗାଇ ଦେବେ ବୋଲି କାଫେ ଦାୟି୍ ରେ ଥିବା ମହିଳା ଗୋଷ୍ଠୀ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ ଓ ଜିଲ୍ଲା ପ୍ରକଳ୍ପ ପରିଚାଳକ , ଓଡ଼ିଶା ଜୀବିକା ମିଶନ ଗଜପତି ଶ୍ରୀ ଟିମନ ବାରା ସମେତ ବିଭିଡ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରିୟଦର୍ଶିନୀ କ୍ଲବରେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବାଲିପାଟଣା: ( ମହାଭାରତ)ଚଳିତ ବର୍ଷ ଆସନ୍ତା ଅଗଷ୍ଟ ୨୭ ତାରିଖରେ ପଡୁଛି ବିଦ୍ୟାଦାତା ପ୍ରଭୁ ଗଣେଶ ଚତୁର୍ଥୀୟ ଏଥିଲାଗି ବାଲିପାଟଣା ବ୍ଲକ୍ ଭାକରସାହି ପ୍ରିୟଦର୍ଶିନୀ କ୍ଲବରେ ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । କ୍ଲବର ସଭାପତି ଗୌତମ ଚରଣ ପ୍ରହରାଜ ଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକ ରେ କିଭଳି ଭାବରେ ଶାନ୍ତିଶୃଙ୍ଖଳା ରେ ଗଣେଶ ପୂଜା ହେବ ଏବଂ ପ୍ରତିବର୍ଷ ଠାରୁ ଏ ବର୍ଷ କିଛି ଭିଡ କରିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଗଣେଶ ମୂର୍ତ୍ତି ବିସର୍ଜନ ପାରମ୍ପାରିକ ବାଦ୍ୟ, ଘଣ୍ଟ ସଙ୍ଗ ଦ୍ୱାରା କରିଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ କ୍ଲବର ସମ୍ପାଦକ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ଓଏଲ ଏମର ସିଆରପି ସିଏମ କନ୍ଧମାଳ ପକ୍ଷରୁ ୪ଦଫା ଦାବୀପତ୍ର ପ୍ରଦାନ




କନ୍ଧମାଳ:(ମହାଭାରତ): ଓଡିଶା ଜୀବିକା ମିଶନରେ କାର୍ଯ୍ୟ ରତ ସିଆରପି-ସିଏମ ମାନଙ୍କୁ ସରକାର ମାସିକ ପାରିଶ୍ରମିକ ବଦଳରେ କାର୍ଯ୍ୟ ଦ୍ୱାରି ଇନସେନଟିଭ ପ୍ରଦାନକୁ ନେଇଥିବା ନିଷ୍ପତ୍ତିକୁ ବିରୋଧ କରି କନ୍ଧମାଳ ଜିଲ୍ଲା ସିଆରପି ମାନଙ୍କ ପକ୍ଷରୁ ଚାରିଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର କନ୍ଧମାଳ ଅତିରିକ୍ତ ଜିଲାପାଳ ରମେଶ ଜେନାଙ୍କ ଜରିଆରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମାସିକ ୬ହଜାର ଏକ ଶହ ଟଙ୍କା ହାରରେ ବେତନ ସରକାର ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। କିନ୍ତୁ ତା ପରଠାରୁ ୪ମାସ ହେଲା ଦରମା ପ୍ରଦାନ କରାଯାଇନାହିଁ। ପୁନଃ ମାସିକ ଦରମା ନ ଦେଇ କାମଦ୍ୱାରୀ ଇନସେନଟିଭ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଫଳରେ ୬୧୦୦ଟଙ୍କା ଦରମା ସ୍ଥାନରେ ଇନସେନଟିଭ ଆକାରରେ ମାତ୍ର ୧୫୦୦ରୁ ୨୦୦୦ଟଙ୍କା ମିଳିବ। ସମସ୍ତ କର୍ମଚାରୀଙ୍କର ଦରମା ଓ ପାରିଶ୍ରମିକ ବଢୁଥିବା ବେଳେ ହୁ ହୁ ଦରବୃଦ୍ଧି ଯୁଗରେ ସିଆରପି ମାନଙ୍କୁ କମ ପାରିଶ୍ରମିକ ଦେବା ଦୁର୍ଭାଗ୍ୟ ଜନକ ।ଏହା ବ୍ୟତୀତ ଅନ ଲାଇନ କାମ ପାଇଁ ଗୋଟିଏ ଟାବଲେଟ ଯୋଗାଇ ଦେବା,ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ବଦଳରେ ବ୍ଲକ ଜୀବିକା ମିଶନରୁ ସିଧାସଳଖ ଦରମା ଦେବା ଏବଂ ମାସିକ ଦରମା ୬୧୦୦ରୁ ୧୦ହଜାରକୁ ସର୍ବନିମ୍ନ ବୃଦ୍ଧି କରିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ଏ ସଂକ୍ରାନ୍ତରେ ସହୃଦୟତାର ସହ ହସ୍ତକ୍ଷେପ କରି ଦାବୀ ପୁରଣ କରିବାକୁ ଜିଲା ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅବସରରେ ଜିଲା ସଭାପତି ଗୀତାଞ୍ଜଳୀ କହଁରଙ୍କ ସହ ସଂମ୍ପାଦିକା ସୁସ୍ମିତା ନାୟକ , ଗିତାରାଣୀ କହଁର, ଅମିତା ପ୍ରଧାନ, ପାଉଲି ପ୍ରଧାନ,ନର୍ମଦା ଦିଗାଲ,ଶିବାନି ଦେହୁରୀ,ମଧୁମିତା ପ୍ରଧାନ, ସ୍ନେହଲତା ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ଜୁଲାଇ ୨୯ରୁ ସଂସଦରେ ଅପରେସନ ସିନ୍ଦୂର ବିତର୍କ

ନୂଆଦିଲ୍ଲୀ : ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଭାରତ କରିଥିବା ଅପରେସନ ସିନ୍ଦୂରକୁ ନେଇ ସଂସଦରେ ହେବ ବିତର୍କ। ବିରୋଧୀ ଅପରେସନ ସିନ୍ଦୂର ଉପରେ ବିତର୍କ କରିବାକୁ ଦାବି କରି ଆସୁଥିଲେ। ଏବେ ଜୁଲାଇ ୨୯ରୁ ସଂସଦରେ ଏହା ଉପରେ ବିତର୍କ ହେବ। ଲୋକସଭାରେ ଏହି ପ୍ରସଙ୍ଗରେ ବିତର୍କ ପାଇଁ ୧୬ ଘଣ୍ଟାର ସମୟ ଧାର୍ଯ୍ୟ କରାଯାଇଛି। ରାଜ୍ୟସଭାରେ ମଧ୍ୟ ୧୬ ଘଣ୍ଟା ଧରି ଅପରେସନ ସିନ୍ଦୂର ଉପରେ ଜୋରଦାର ଆଲୋଚନା ହେବ। ଅପରେସନ ସିନ୍ଦୂର ଓ ପହଲଗାମ ନରସଂହାର ଉପରେ ବିରୋଧୀ ସରକାରଙ୍କ ଠାରୁ ଜବାବ ମାଗୁଛନ୍ତି। ବିତର୍କ ବେଳେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ଜବାବ ରଖିବେ। ଲୋକସଭାରେ ଆସନ୍ତା ସୋମବାର ଠାରୁ ଅପରେସନ ସିନ୍ଦୂର ଉପରେ ବିତର୍କ ଆରମ୍ଭ ହେବ। ରାଜ୍ୟସଭାରେ ମଙ୍ଗଳବାର ଠାରୁ ସଦସ୍ୟମାନେ ବିତର୍କ କରିବେ। ସରକାର ବିତର୍କ ପାଇଁ ସମୟ ଧାର୍ଯ୍ୟ କରିଥିଲେ ହେଁ ବିରୋଧୀ ନିଜ ଜିଦରେ ଅଟଳ ରହିଛନ୍ତି। ସେମାନେ ଆସନ୍ତାକାଲି ଠାରୁ ହିଁ ବିତର୍କ ଆରମ୍ଭ କରିବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିଦେଶ ଗସ୍ତରେ ଆଜି ଠାରୁ ଯାଇଥିବାରୁ ସରକାର ବିରୋଧୀଙ୍କ ଜିଦକୁ ଟାଳି ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫ ଥର ସେ ହିଁ ଭାରତ-ପାକିସ୍ତାନକୁ ଯୁଦ୍ଧ ବିରତି ପାଇଁ ରାଜି କରାଇଥିବା ଦାବି କରି ଚାଲିଛନ୍ତି। ବିରୋଧୀ ଏହି ବୟାନକୁ ଆଧାର କରି ପ୍ରଧାନମନ୍ତ୍ରୀଙ୍କ ଉତ୍ତର ଚାହୁଁଛନ୍ତି। ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହୋଇଛି। ପ୍ରଥମ ଦିନରୁ ଅପରେସନ ସିନ୍ଦୂରକୁ ନେଇ ବିତର୍କ ଦାବି କରି ଚାଲିଛନ୍ତି ବିରୋଧୀ। ଏଥିଯୋଗୁ ଗୃହ କାର୍ଯ୍ୟ ମଧ୍ୟ ଠିକ ଭାବେ ଚାଲି ପାରୁନାହିଁ। ଗୃହ ବାରମ୍ବାର ମୁଲତବୀ ହେବାରେ ଲାଗିଛନ୍ତି। ଅପରେସନ ସିନ୍ଦୂର ବ୍ୟତୀତ ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନକୁ ମଧ୍ୟ ବିରୋଧୀ ବିରୋଧ କରୁଛନ୍ତି। ଏବେ ସରକାର ଅପରେସନ ସିନ୍ଦୂର ଉପରେ ବିତର୍କ କରିବାକୁ ରାଜି ହୋଇଛନ୍ତି। ନିଜର ପକ୍ଷ ରଖିବା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବିତର୍କ ପୂର୍ବରୁ ସିଡିଏସ୍ ? ଜେନେରାଲ ଅନୀଲ ଚୌହାନ, ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଓ ୩ ସେନା ବାହିନୀର ମୁଖ୍ୟମାନଙ୍କ ସହ ବୈଠକ କରିଥିଲେ। ସେମାନଙ୍କ ସହ ମିଶି ସରକାର ନିଜର ଜବାବ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜୁଲାଇ ୨୬ରେ ପୂରା ଦେଶ କାର୍ଗିଲ ବିଜୟ ଦିବସ ପାଳନ କରିବ। ଏହାର ଦିନକ ପରେ ସରକାର ଅପରେସନ ସିନ୍ଦୂର ଉପରେ ବିତର୍କ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି।

## ଉତ୍ତର ଆୟର୍ଲାଣ୍ଡରେ ଭୟଙ୍କର ଗୁଳିକାଣ୍ଡ, ୩ ମୃତ, ଜଣେ ଗୁରୁତର

ଉତ୍ତର ଆୟର୍ଲାଣ୍ଡ : ଉତ୍ତର ଆୟର୍ଲାଣ୍ଡର ଏକ ଗ୍ରାମାଞ୍ଚଳରେ ଘଟିଛି ଗୁଳିକାଣ୍ଡ । ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ପୋଲିସ ଏବଂ ଆମ୍ବୁଲାନ୍ସ ସେବା ବୁଧବାର ଏହି ଘଟଣା ବିଷୟରେ ସୂଚନା ଦେଇଛନ୍ତି । ପୋଲିସ ଘଟଣାର କାରଣ ପ୍ରକାଶ କରିନାହିଁ । ହେଲେ, ଉତ୍ତର ଆୟର୍ଲାଣ୍ଡ ବିଧାନସଭାରେ ସେହି ଅଞ୍ଚଳର ସଦସ୍ୟ ଜେମା ଡୋଲାନ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଏହାକୁ 'ଘରୋଇ ଘଟଣା' ବୋଲି ବର୍ଣ୍ଣନା କରିଛନ୍ତି । ଉତ୍ତର ଆୟର୍ଲାଣ୍ଡର ପୋଲିସ ସେବା କହିଛି ଯେ ରାଜଧାନୀ ବେଲଫାଷ୍ଟରୁ ପ୍ରାୟ ୧୨୦ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ମାଗୁଇରେସବ୍ରିଜ୍ ଗାଁରେ ଗୁଳିକାଣ୍ଡ ଘଟଣାରୁ ଲୋକଙ୍କ ପାଇଁ ଆଉ କୌଣସି ବିପଦ ନାହିଁ । ପୋଲିସ ସେବା ଅନୁଯାୟୀ, ବୁଧବାର ସ୍ଥାନୀୟ ସମୟ ସକାଳ ୮ ଟା ପରେ ଗାଁରେ ପୋଲିସ ଏବଂ ପାରାମେଡିକ୍ସଙ୍କୁ ଘଟଣାସ୍ଥଳକୁ ଡକାଯାଇଥିଲା । ପୋଲିସ କହିଛି ଯେ ଘଟଣାସ୍ଥଳରେ ପହଞ୍ଚିଥିବା ଡାକ୍ତରୀ କର୍ମଚାରୀମାନେ ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ, ଯେତେବେଳେ ଦୁଇ ଗୁରୁତର ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ ଜଣଙ୍କର ପରେ ମୃତ୍ୟୁ ହୋଇଥିଲା । ପୋଲିସ ଅନୁଯାୟୀ, ଜଣେ ଆହତଙ୍କ ଚିକିତ୍ସା ଚାଲିଛି ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ରବର୍ଟ ମ୍ୟାକଗୋୱାନ କହିଛନ୍ତି, "ସମସ୍ତ ଚାରି ଜଣଙ୍କୁ ଗୁଳି କରାଯାଇଥିଲା ଏବଂ ମୁଁ ନିଶ୍ଚିତ କରିପାରୁଛି ଯେ ସମସ୍ତ ଚାରି ଜଣ ଗୋଟିଏ ପରିବାରର ।" ଉତ୍ତର ଆୟର୍ଲାଣ୍ଡ ବିଧାନସଭାର ଅନ୍ୟ ଜଣେ ସଦସ୍ୟ, ଡେବୋରା ଏର୍ସ୍କାଇନ୍ କହିଛନ୍ତି ଯେ "ଏକ ଗ୍ରାମୀଣ, ଶାନ୍ତ ଅଞ୍ଚଳରେ ହୋଇଥିବା ଗୁଳିକାଣ୍ଡରେ ସମଗ୍ର ସମ୍ପ୍ରଦାୟ ସ୍ତବ୍ଧ । ସେ କହିଛନ୍ତି, "ଆଜି ସକାଳେ ଯାହା ଘଟିଥିଲା ସେଥିରେ ସମସ୍ତେ ଦୁଃଖିତ ।

## ବିମାନ ଦୁର୍ଘଟଣା ପରେ ବାଂଲାଦେଶକୁ ସାହାଯ୍ୟର ହାତ ବଢ଼ାଇଲା ଭାରତ

ବାଂଲାଦେଶ : ବାଂଲାଦେଶରେ ବିମାନ ଦୁର୍ଘଟଣା ପରେ ସାହାଯ୍ୟର ହାତ ବଢ଼ାଇଲେ ମୋଦି । ଏହି ଦୁର୍ଘଟଣାରେ ଆହତମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଡାକ୍ତର ଏବଂ ନର୍ସ ଟିମକୁ ପଠାଉଛି ଭାରତ । ବିମାନ ଦୁର୍ଘଟଣା ପରେ ବାଂଲାଦେଶରେ ଭୟାନକ ପରିସ୍ଥିତି ସୃଷ୍ଟି କରିଛି । ବାଂଲାଦେଶୀ ବାୟୁସେନାର ଲଢୁଆ ଯୁଦ୍ଧ ବିମାନ ଢାକାର ସ୍କୁଲ ଏବଂ କଲେଜରେ ଧକ୍କା ହୋଇଥିଲା । ଫଳରେ ଏହି ଦୁର୍ଘଟଣାରେ ଅଧିକାଂଶ ପିଲାଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଏହାରି ମଧ୍ୟରେ ବାଂଲାଦେଶ ପାଇଁ ଭାରତ ସାହାଯ୍ୟର ହାତ ବଢ଼ାଇଛି । ସୂଚନାନୁଯାୟୀ, ମଙ୍ଗଳବାର ଦିନ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ମାମଲାର ସୂଚନା ଦେଇଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, 'ବର୍ଣ୍ଣ-ସ୍ପେଶାଲିଷ୍ଟ' ଡାକ୍ତର ଏବଂ ନର୍ସଙ୍କ ଏକ ଟିମ୍ ଆବଶ୍ୟକୀୟ ଚିକିତ୍ସା ସହାୟତା ସହିତ ପୀଡିତଙ୍କ ଶୀଘ୍ର ଚିକିତ୍ସା ପାଇଁ ବାଂଲାଦେଶର ଢାକାରେ ପହଁଞ୍ଚିଛନ୍ତି । ଟିମ୍ ଆହତଙ୍କ ସ୍ଥିତିକୁ ଆକଳନ କରିବା ସହିତ ଆବଶ୍ୟକ ମୁତାବକ ଭାରତରେ ଅଧିକ ଚିକିତ୍ସା ଏବଂ ସ୍ୱତନ୍ତ୍ର ଯତ୍ନର ସୁପାରିଶ କରିବ ।ଢାକା ଯାଉଥିବା ଦଳରେ ଦିଲ୍ଲୀର ଦୁଇଜଣ ଡାକ୍ତର ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରାମ ମନୋହର ଲୋହିଆ ହସ୍ପିଟାଲର ଏବଂ ଅନ୍ୟ ଜଣେ ସଫଦରଜଙ୍ଗ ହସ୍ପିଟାଲର ବୋଲି ଜଣାପଡିଛି । ଅନ୍ୟପଟେ ଦୁର୍ଘଟଣା ପରେ ମୋଦି ଦୁଃଖ ପ୍ରକାଶ କରିବା ସହିତ ସମସ୍ତ ସାହାଯ୍ୟ ଯୋଗାଇ ଦେବେ ବୋଲି କହିଥିଲେ । ଏହା ସହିତ ମୋଦି ଟ୍ୱିଟରରେ ଟ୍ୱିଟ୍ କରି କହିଥିଲେ ଯେ, ''ଢାକାର ବିମାନ ଦୁର୍ଘଟଣାରେ ଆମେ ଗମ୍ଭୀର ଭାବରେ ମର୍ମାହତ ଏବଂ ଦୁଃଖିତ । ଶୋକସନ୍ତପ୍ତ ପରିବାରକୁ ଆମର ସମବେଦନା । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଆମେ ପ୍ରାର୍ଥନା କରୁଛୁ । ଭାରତ ବାଂଲାଦେଶ ସହିତ ଏକତାରେ ଠିଆ ହୋଇଛି ଏବଂ ସମସ୍ତ ପ୍ରକାରର ସାହାଯ୍ୟ ଏବଂ ସମର୍ଥନ ଯୋଗାଇବାକୁ ପ୍ରସ୍ତୁତ ।" ସୂଚନାଯୋଗ୍ୟ, ଜୁଲାଇ ୨୧ ତାରିଖରେ ଲଢୁଆ ଯୁଦ୍ଧ ବିମାନ ଢାକାର ମାଇଲଷ୍ଟୋନ୍ ସ୍କୁଲ୍ ଏବଂ କଲେଜ କୋଠାରେ ଧକ୍କା ଦେବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ୩୧ ଜଣଙ୍କର ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରେ ୨୫ ଜଣ ଛାତ୍ର ରହିଥିଲେ । ଦୁର୍ଘଟଣାରେ ବହୁ ସଂଖ୍ୟାର ପିଲା ଏବଂ ଲୋକ ଆହତ ହୋଇଛନ୍ତି ।

# ୫ ବର୍ଷ ପରେ ଚାଇନା ଲୋକଙ୍କ ପାଇଁ ଦ୍ୱାର ଖୋଲିଲା ଭାରତ

ନୂଆଦିଲ୍ଲୀ : ଦୀର୍ଘ ୫ ବର୍ଷର ବ୍ୟାନ ପରେ ଭାରତ ସରକାର ଚାଇନା ନାଗରିକଙ୍କ ପାଇଁ ଦେଶର ଦ୍ୱାରକୁ ଖୋଲିଛନ୍ତି। ଆସନ୍ତାକାଲି ଠାରୁ ଅର୍ଥାତ ଜୁଲାଇ ୨୪ରୁ ଚାଇନା ନାଗରିକ ଭାରତ ଆସିବାକୁ ପର୍ଯ୍ୟଟନ ଭିସା ପାଇପାରିବେ। ୨୦୨୦ ଗଲୱାନି ଘାଟି ସଂଘର୍ଷ ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚିଥିଲା। ଏହାପରେ ଚାଇନା ଲୋକଙ୍କୁ ଭିସା ବନ୍ଦ କରି ଦିଆଯାଇଥିଲା। ଏବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପୁଣି ସୁଧୁରିବା ଆରମ୍ଭ ହୋଇଛି। ସ୍ଥିତିକୁ ଆହୁରି ସ୍ୱାଭାବିକ କରିବା ପାଇଁ ଭାରତ ସରକାର ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। ଚାଇନାରେ ଅବସ୍ଥାପିତ ଭାରତୀୟ ଦୂତାବାସ ସୋଶାଲ ମିଡିଆ



ପ୍ଲାଟଫର୍ମରେ ଏ ସମ୍ପର୍କରେ ଖବର ଦେବା ସହ ଭିସା ଆବେଦନର ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଛନ୍ତି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ "୨୦୨୫ ମସିହା ଜୁଲାଇ ୨୪ରୁ ଚାଇନିଜ ନାଗରିକମାନେ ଭାରତ ପାଇଁ ପର୍ଯ୍ୟଟନ ଭିସା ଆବେଦନ କରିପାରିବେ। ପ୍ରଥମେ ସେମାନଙ୍କୁ ୱେବ ଲିଙ୍କରେ ଥିବା ଆବେଦନ ଫର୍ମକୁ ପୂରଣ କରି ପ୍ରିଣ୍ଟ ବାହାର କରିବାକୁ ପଡ଼ିବ। ଏହାପରେ ୱେବ ଲିଙ୍କରେ ଅଫିସ ଆସିବାକୁ ସମୟ ନେବାକୁ ପଡ଼ିବ। ଭାରତୀୟ ଭିସା ଆପ୍ଲିକେସନ ସେଣ୍ଟରରେ ସେମାନଙ୍କୁ ପାସପୋର୍ଟ, ଭିସା ଆପ୍ଲିକେସନ ଫର୍ମ ଓ ଅନ୍ୟ ଆବଶ୍ୟକ ଦସ୍ତାବିଜକୁ ଧରି ଗୋଟିଏ ଫର୍ମ ଦାଖଲ କରିବାକୁ ପଡ଼ିବ।" ଗଲୱାନ ଘାଟିରେ ଭାରତ ଓ ଚାଇନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଜଣ ଯବାନ ସହିଦ ହୋଇଥିଲେ। ଏହାର ଜବାବରେ ଭାରତ ଶତାଧିକ ଚାଇନିଜ ଆପକୁ ବ୍ୟାନ କରିଥିଲା। ଚାଇନା ଲୋକଙ୍କୁ ଭିସା ମନା କରି ଦେଇଥିଲା। ଚାଇନା ସହ ଏକ ପ୍ରକାରର ସମ୍ପର୍କଛିନ୍ନ କରି ଦେଇଥିଲା। ୨୦୨୦ ମହାମାରୀ କରୋନା ପାଇଁ ଭାରତ ସରକାର ସମସ୍ତ ପ୍ରକାରର ପର୍ଯ୍ୟଟନ ଭିସାକୁ ବାତିଲ କରି ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ୪ କାଉଡିଆ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ଗ୍ୱାଲିୟରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୪ଜଣ କାଉଡିଆଙ୍କ ମୃତ୍ୟୁ ଘଟିଛି । ଏପରି ଅଘଟଣ ଏକ ଦ୍ରୁତଗାମୀ କାର୍ ଘଟାଇଥିବା ଜଣାପଡିଛି । ସୂଚନା ପାଇ ତୁରନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ସୂଚନାନୁଯାୟୀ, ଏକ ଦ୍ରୁତଗାମୀ କାର୍ ୪ଜଣ କାଉଡିଆଙ୍କୁ ଚାପି ଦେଇଥିଲା । ଦୁର୍ଘଟଣା ଘଟାଇ ସେହି ସମୟରେ ମଧ୍ୟ କାରଟି ଓଲଟି ଘାଇକୁ ଖସିପଡିଥିଲା । ଏହି ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । କିନ୍ତୁ ୪ଜଣ କାଉଡିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାଟି ଗ୍ୱାଲିୟରର ଗିରୱାଇ ଥାନା ଅଞ୍ଚଳର ଆଗ୍ରା-ମୁମ୍ବାଇ ଜାତୀୟ ରାଜପଥରେ ଦେଖିବାକୁ ମିଳିଥିଲା ।

# ପୁଣି ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି

ଅହମଦାବାଦ : ପୁଣି ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି । ଉଡ଼ାଣ ଅଧାରୁ ଫେରିଆସିଲା ବିମାନ । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ତେବେ ଅହମଦାବାଦରୁ ଡିୟୁ ଯାଉଥିବା ବିମାନରେ ଏଭଳି ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା ।

ଖବର ମୁତାବକ, ଆଜି ୧୧ଟାରେ ଅହମଦାବାଦରୁ ଡିୟୁ ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ୭୯୬୬ ଉଡ଼ାଣ ଭରିବା ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିପାରିଥିଲେ ପାଇଲଟ । ଯାନ୍ତ୍ରିକ ତ୍ରୁଟି ବିଷୟରେ ଜାଣିବା ପରେ ପାଇଲଟ ତୁରନ୍ତ ଅଧିକାରୀଙ୍କ ସହିତ ସଂପର୍କ କରି ବିମାନକୁ ଫେରାଇଆଣିଥିଲେ । ତେବେ ବିମାନଟି ପୁଣି ଉଡ଼ାଣ ଭରିବା ପୂର୍ବରୁ ଏହାର ଯାଞ୍ଚ ଭଲଭାବେ କରାଯାଇଥିଲା । ବିମାନରେ ମୋଟ ୬୦ ଜଣ ଯାତ୍ରୀ ଥିଲେ । ଯାନ୍ତ୍ରିକ ତ୍ରୁଟି ଜାଣିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା । ଏହାପରେ ଜଣେ



ଇଣ୍ଡିଗୋ ଅଧିକାରୀ କହିଛନ୍ତି, ଜୁଲାଇ ୨୩କୁ ଅହମଦାବାଦରୁ ଡିୟୁ ଯିବାକୁ ଥିବା ଇଣ୍ଡିଗୋ ବିମାନ ଉଡ଼ାଣ ଭରିବା ପରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଥିଲା । ତେଣୁ ତୁରନ୍ତ ବିମାନକୁ ଉଡ଼ାଣ ପୂର୍ବରୁ ରୋକା ଯାଇ ଯାଞ୍ଚ କରାଯାଇଥିଲା । ସୂଚନାଯୋଗ୍ୟ, ଗତକାଲି ଏୟାର ଇଣ୍ଡିଆର ବିମାନରେ ନିଆ ଲାଗିବା ଘଟଣା ସାମ୍ନାକୁ ଆସିଥିଲା । ହଂକଂରୁ ଦିଲ୍ଲୀ ଆସିଥିବା ଏୟାର ଇଣ୍ଡିଆ ବିମାନରେ ନିଆଁ ଲାଗିଯାଇଥିଲା । ବିମାନଟି ଅବତରଣ କରିବା ପରେ ସେଥିରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ କର୍ମଚାରୀ । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଅବତରଣ କରାଯିବା ପରେ ବିମାନର ଯାଞ୍ଚ କରାଯାଇଥିଲା ।

## ନକଲି ଦୂତାବାସ ଅଫିସର କହି ଲୋକଙ୍କୁ ଠକେଇ

ଗାଜିଆବାଦ : ନକଲି କଲ୍ ସେଣ୍ଟର କିମ୍ବା ନକଲି ଅଫିସ କରି ଲୋକଙ୍କ ଚାକିରି ଦେବା ନାଁରେ ଠକେଇ ହେଉଥିବା ଆପଣ ନିଶ୍ଚିତ ଜାଣିଥିବେ । କିନ୍ତୁ ନକଲି ଦୂତାବାସ କରି ଲୋକଙ୍କୁ ଠକୁଥିବା କଥା ହୁଏତ ଆପଣ ଜାଣିନଥିବେ । ଗାଜିଆବାଦରେ ଚାଲିଥିବା ଏକ ବେଆଇନ ଦୂତାବାସକୁ ୟୁପି ଏସଟିଏଫର ନୋଏଡା ୟୁନିଟ୍ ଦ୍ୱାରା ଠାବ କରାଯାଇଛି । ଦୂତାବାସ କରିଥିବା ମାଲିକ ହର୍ଷବର୍ଦ୍ଧନ ଜୈନଙ୍କୁ ଗିରଫ କରାଯାଇଛି । ଖବର ମୁତାବକ, ୟୁପି ଗାଜିଆବାଦରେ ଚାଲିଥିବା ଏକ ବେଆଇନ ଦୂତାବାସର ପର୍ଦ୍ଦାଫାଶ କରିଛି । ଗାଜିଆବାଦର କବିନଗରରେ ଏକ ଭଡା ଘର ନେଇ ନିଜକୁ ପଶ୍ଚିମ ଆର୍କଟିକା, ସାବୋର୍ଗା, ପୋଲଭିଆ, ଲୋଡୋନିଆ ଭଳି ଦେଶର



କନସଲ/ରାଜଦୂତ କହି ଏକ ବେଆଇନ ପଶ୍ଚିମ ଆର୍କଟିକ ଦୂତାବାସ ଚଳାଉଥିବା ବ୍ୟକ୍ତିଙ୍କୁ ଗିରଫ କରିଛି । ଏହାସହିତ କୁଟନୈତିକ ନମ୍ବର ପ୍ଲେଟ୍ ଥିବା ଯାନରେ ଲାଗିଥିବା ଅନେକ କାର ମଧ୍ୟ ଜବତ ହୋଇଛି । ତାଙ୍କ ପାଖରେ ବିଭିନ୍ନ ଦେଶର ୧୨ଟି କୂଟନୈତିକ ପାସପୋର୍ଟ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୋହର ଥିବା ଜାଲ୍ ଡକ୍ୟୁମେଣ୍ଟ ମଧ୍ୟ ତାଙ୍କ ଅଫିସରୁ ଜବତ ହୋଇଛି । ତାଙ୍କ ନିକଟରୁ ଦୁଇଟି ନକଲି ପାନକାର୍ଡ, ବିଭିନ୍ନ ଦେଶ ଏବଂ କମ୍ପାନୀର ୩୪ଟି ସିଲ୍ ରହିଛି । ଦୁଇଟି ନକଲି ପ୍ରେସ୍ କାର୍ଡ ସହିତ ନଗଦ ୪୪,୭୦,୦୦୦ ଟଙ୍କା ରହିଛି । ଅନେକ ଦେଶର ବିଦେଶୀ ମୁଦ୍ରା । ଅନେକ କମ୍ପାନୀର ଡକ୍ୟୁମେଣ୍ଟ ଉଦ୍ଧାର କରାଯାଇଛି, ଉତ୍ତର ପ୍ରଦେଶର ଇଉଏ ସୂଚନା ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି, ବ୍ୟକ୍ତି ଜଣକ ଯେଉଁ ଦେଶ ନାମ କହୁଛନ୍ତି, ସେମିତି କିଛି ଦେଶ ବିଶ୍ୱରେ ହିଁ ନାହିଁ । ବ୍ୟକ୍ତି ଜଣକ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଅନ୍ୟ କେତେକ ଜଣାଶୁଣା ରାଜନୈତିକ ଲୋକଙ୍କ ସହିତ ଫଟୋ ମର୍ଫ କରି ଲଗାଛନ୍ତି । ଅନେକ ଥର ଲୋକମାନେ ତାଙ୍କୁ ଦୂତାବାସର ଅଧିକାରୀ ବୋଲି ଭାବନ୍ତି ମଧ୍ୟ । ସୂଚନାଯୋଗ୍ୟ, ୨୦୧୧ରେ ହର୍ଷବର୍ଦ୍ଧନ ଅବୈଧ ସାଟେଲାଇଟ ଫୋନ ମଧ୍ୟ ଜବତ କରାଯାଇଥିଲା । ଏହା ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି ।

# ପାକିସ୍ତାନରେ ଅନର କିଲିଂ ମାମଲା, ପରିବାରର ବିନା ସହମତିରେ କରିଥିଲେ ବିବାହ

ପାକିସ୍ତାନ : ପାକିସ୍ତାନ ବଲୁଚିସ୍ତାନରୁ ଏକ ଭୟଙ୍କର ଭିଡିଓରେ ଭାଇରଲ ହେଉଛି । ଭିଡିଓରେ ଏକ ଯୋଡିକୁ ନିର୍ମମ ହତ୍ୟା ହେଉଥିବା ଦେଖିବାକୁ ମିଳିଛି । ମାମଲା ଅନର କିଲିଂ ସହିତ ଜଡିତ ଥିବା ଜଣାପଡିଛି । ଦୁହେଁ ପରିବାର ବିପକ୍ଷରେ ଯାଇ ବିବାହ କରିଥିବା ସୂଚନା ମିଳିଛି । ଭିଡିଓରେ ଯୁବତୀଙ୍କୁ କିଛି ଲୋକ ଶୂନଶାନ ରାସ୍ତାକୁ ନେଇ ଯାଉଥିବା ଦେଖିବାକୁ ମିଳିଛି । ସେଠାରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ସ୍ଥାନୀୟ ପୋଲିସ ମାମଲାର ଯାଞ୍ଚ ଆରମ୍ଭ କରିଛି । ଦମ୍ପତିଙ୍କ ପରିଚୟ ମିଳିଛି । ବାନୋ ବିବି ଏବଂ



ଅହସାନ ଉଲ୍ଲା ବୋଲି ଜଣାପଡିଛି । ଯୁବତୀଙ୍କୁ ହତ୍ୟା କରିବା ପରେ ଲୋକମାନେ ନାରା ଲଗାଉଛନ୍ତି । ପୋଲିସ ଏହି ମାମଲାରେ ୧୩ ଜଣଙ୍କୁ ଗିରଫ କରିଛି । ଏଥିରେ ମହିଳାଙ୍କ ଭାଇ ମଧ୍ୟ ସାମିଲ ରହିଛନ୍ତି । ଭିଡିଓ ଭାଇରଲ ପରେ ହତ୍ୟା ମାମଲାରେ ଏମାନଙ୍କୁ ଗିରଫ କରାଯାଇଛି । ପୋଲିସ କହିବା ମୁତାବକ, ଦମ୍ପତିଙ୍କୁ ହତ୍ୟା କରିବାର ଆଦେଶ ସ୍ଥାନୀୟ କବିଲାଇ ପ୍ରମୁଖ ସରଦାର ସତକଜଇ ଦେଇଥିଲା । ଯୁବତୀଙ୍କ ଭାଇ ବାହାଘର ପାଇଁ ରାଜି ନଥିଲେ, ତେଣୁ ନାରାଜ ହୋଇ ଏଭଳି କାଣ୍ଡ କରିଥିଲେ । ମାମଲାରେ ଯେଉଁ ୧୩ ଜଣଙ୍କୁ ଗିରଫ କରାଯାଇଛି, ସେମାନଙ୍କ ମଧ୍ୟରେ କବିଲାଇ ପ୍ରମୁଖ ଏବଂ ଯୁବତୀଙ୍କ ଭାଇ ସାମିଲ ରହିଛନ୍ତି । ମାନବାଧିକାର ଆୟୋଗ ଅନୁସାରେ, ପାକିସ୍ତାନରେ ୨୦୨୪ ବର୍ଷରେ ଅନର କିଲିଂରେ ଅତିକମରେ ୪୦୫ ମାମଲା ଦାୟର ହୋଇଛି ।

# ଅଗଷ୍ଟ ଶେଷ ସୁଦ୍ଧା ଦେଶକୁ ମିଳିବେ ନୂଆ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଭାରତୀୟ ନିର୍ବାଚନ କମିଶନ ଆସନ୍ତା ୪୮ରୁ ୭୨ ଘଣ୍ଟା ମଧ୍ୟରେ ଉପ ରାଷ୍ଟ୍ରପତି ନିର୍ବାଚନର ତାରିଖ ଘୋଷଣା କରିବେ। ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ। ଏଥିପାଇଁ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ଏବେ ଇଲେକ୍ଟୋରାଲ କଲେଜ୍ ପ୍ରସ୍ତୁତି ଓ ରିଟର୍ଣ୍ଣିଂ ଅଫିସର ନିଯୁକ୍ତି ଆରମ୍ଭ ହୋଇଛି। ପୂର୍ବରୁ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରାଯାଉଛି। ଏସବୁ ପ୍ରକ୍ରିୟା ଶେଷ ହେବା ମାତ୍ରେ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। ସୋମବାର ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ। ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି। ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି




ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଧନଖଡ଼ ସୋମବାର ଇସ୍ତଫା ଦେଇଥିବା ବେଳେ ମଙ୍ଗଳବାର ସକାଳେ ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ଗ୍ରହଣ କରି ନେଇଥିଲେ। ଧନଖଡ଼ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ୨ ବର୍ଷ ବାକି ରହିଥିଲା। ଭାରତୀୟ ସମ୍ବିଧାନର ଧାରା ୬୮(୨) ଅନୁସାରେ ଉପ ରାଷ୍ଟ୍ରପତିଙ୍କ ଇସ୍ତଫାର ନିର୍ଦ୍ଦିଷ୍ଟ ସମୟ ସୀମା ପଦରେ ଏହି ପଦ ପୂରଣ ପାଇଁ ନିର୍ବାଚନ ଶେଷ କରିବାର କୌଣସି ପ୍ରାବଧାନ ନାହିଁ। କେବଳ ନିର୍ବାଚନ ଯଥା ଶୀଘ୍ର ଶେଷ କରିବାକୁ ଏହି ଧାରାରେ ଉଲ୍ଲେଖ କରାଯାଇଛି। ନିର୍ବାଚନ କମିଶନ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କମିଶନଙ୍କୁ ଉପ ରାଷ୍ଟ୍ରପତିଙ୍କ ଇସ୍ତଫା ସମ୍ପର୍କରେ ବିଧିବଦ୍ଧ ଭାବେ ଅବଗତ କରାଯାଇଥିଲା। ଏହାପରେ କମିଶନ ପକ୍ଷରୁ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ରାଷ୍ଟ୍ରପତି ଓ ଉପ ରାଷ୍ଟ୍ରପତି ନିର୍ବାଚନ ଆଇନ ୧୯୫୨ରେ କୁହାଯାଇଛି ଯେ ଥରେ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ପ୍ରକ୍ରିୟା ଶେଷ କରିବା ପାଇଁ ନିର୍ବାଚନ କମିଶନ ବାଧ୍ୟ। ନାମାଙ୍କନ, ପ୍ରାର୍ଥିପତ୍ର ଯାଞ୍ଚ, ନାମାଙ୍କନ ପ୍ରତ୍ୟାହାର, ଭୋଟିଂ ଓ ଗଣତି ଆଦି ସର୍ବାଧିକ ୩୨ ଦିନ ମଧ୍ୟରେ ଶେଷ ହେବ। ସେହି ଅନୁସାରେ, ଭାରତର ନୂଆ ଉପ ରାଷ୍ଟ୍ରପତି ନିର୍ବାଚିତ ହେବ ଓ ଅଗଷ୍ଟ ଶେଷ ସୁଦ୍ଧା ପଦ ଓ ଗୋପନୀୟତାର ଶପଥ ନେବେ। ବିଜ୍ଞପ୍ତି ପ୍ରକାଶ ପାଇବାର ସର୍ବାଧିକ ୧୪ ଦିନ ମଧ୍ୟରେ ନାମାଙ୍କନ ଦାଖଲ କରାଯିବା ବାଧ୍ୟତାମୂଳକ।

## ବ୍ୟକ୍ତିଙ୍କ ଉପରେ ମାଡ଼ିଗଲା କ୍ରେନ

ପାଲନପୁର: ରାସ୍ତାରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ଉପରେ ଚଢିଗଲା କ୍ରେନ । ଗୁଜରାଟର ବନାସକାଣ୍ଠା ଜିଲ୍ଲାର ପାଲନପୁର ସହରରେ ରାସ୍ତାରେ ଛିଡା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଏକ କ୍ରେନ୍ ଧକ୍କା ଦେଇଥିଲା । ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି । ଭାଇରଲ ଭିଡିଓରେ ଦେଖିବାକୁ ମିଳିଛି କି, ବାଇକ ଆରୋହୀ ଜଣକ ରାସ୍ତାରେ ଗାଡ଼ି ରଖି ଏଣେତେଣେ ଦେଖୁଥିଲେ । କ୍ରେନ୍ ଡ୍ରାଇଭର ଜଣକ ଧୀର ଗତିରେ ଗାଡ଼ି ଚଳାଉଥିଲେ କିନ୍ତୁ ସେ ବାଇକ୍ ଆରୋହୀଙ୍କୁ ଦେଖିପାରିଲେ ନାହିଁ ଏବଂ ତାଙ୍କୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି । ବ୍ୟକ୍ତି ଜଣକ ତାଙ୍କ ବାଇକ୍ ପାର୍କିଂ କରି ରାସ୍ତା କଡ଼ରେ ଠିଆ ହୋଇଥିଲେ। ତେବେ କ୍ରେନ୍ ଡ୍ରାଇଭର ବାଇକକୁ ଧକ୍କା ଦେବା ପରେ ଆରୋହୀଙ୍କୁ ଚାପି ଦେଇଥିଲେ । ଘଟଣାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ । କ୍ରେନ ଡ୍ରାଇଭର ଆହତଙ୍କୁ ପରେ ଉଦ୍ଧାର କରିଥିଲେ।

# ସୁଦର୍ଶନ ଓ ଯଶସ୍ୱୀଙ୍କ ଅର୍ଦ୍ଧଶତକ, ଭାରତ ୪/୨୬୪



ମାଞ୍ଚେଷ୍ଟର: ଏଠାକାର ଓଲ୍ଡ ଟ୍ରାଫର୍ଡରେ ଖେଳା ଯାଉଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଦୁଇ ଦଳ ଭାରତ ଓ ଇଂଲଣ୍ଡ ସମ୍ମାନ ଭାଗ କରିଛନ୍ତି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ୍ ହରାଇ ୨୬୪ ରନ କରିଛି । ରବୀନ୍ଦ୍ର ଜାଡ଼େଜା ୧୯ ରନ ଓ ଶାର୍ଦ୍ଦୁଲ ଠାକୁର ୧୯ ରନ କରି ଅପରାଜିତ ଅଛନ୍ତି । ସାଇ ସୁଦର୍ଶନ ଓ ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି ।ଏହା ପୂର୍ବରୁ ଭାରତ ଚତୁର୍ଥ ଟେଷ୍ଟରେ ତିନି ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଛି ବୋଲିଂରେ ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ ଷ୍ଟୋକ୍ସ ୨ଟି ୱିକେଟ୍ ନେଇଛନ୍ତି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ଦମଦାର ଆରମ୍ଭ ଦେଇଥିଲେ ।ପ୍ରଥମ ସେସନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲା ତେବେ ୯୪ ରନ ସ୍କୋରରେ ଭାରତକୁ ପ୍ରଥମ ଝଟକା ଲାଗିଥିଲା । କେଏଲ ରାହୁଲ ୪୬ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ଅର୍ଦ୍ଧଶତକ ସହ କ୍ରିଜରେ ଜମି ରହିଥିବା ଜୟସ୍ୱାଲ ୫୮ ରନ କରି ଆଉଟ୍ ହୋଇଥିଲେ । ପୁଣି ଅଧିନାୟକ ଶୁଭମନ ଗିଲ୍(୧୨) ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ ।

୧୪୦ ନନରେ ୩ ୱିକେଟ୍ ହରାଇ ଋପଗ୍ରସ୍ତ ଥିବା ଭାରତୀୟ ଦଳର ଇନିଂ ସମ୍ଭାଳିଥିଲେ ସାଇ ସୁଦର୍ଶନ ଓ ଋଷଭ ପ। ଉଭୟ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଭାରତର ସ୍ଥିତି ମଜବୁତ କରିଥିଲେ। ମିଳିଥିବା ସୁଯୋଗର ଭରପୂର ଫାଇଦା ଉଠାଇ ଅର୍ଦ୍ଧଶତକ ହାସଲ କରିଥିଲେ। ସାଇ ସୁଦର୍ଶନ ତେବେ ବଡ଼ ସଟ୍ ଖେଳିବାକୁ ଯାଇ ଏହି ବାମହାତୀ ବ୍ୟାଟର ୬୧ ରନ କରି ପାଭିଲିୟନ ଫେରିଥିଲେ। ଏହା ପୂର୍ବରୁ ଦୁଇ ବ୍ୟାଟର ଚତୁର୍ଥ ୱିକେଟ୍ ପାଇଁ ୯୫ ରନ ଯୋଡ଼ିଥିଲେ ।ଏହା ମଧ୍ୟରେ ଦ୍ରୁତ ବ୍ୟାଟିଂ କରୁଥିବା ଋଷଭ ପନ୍ତ ୪୮ ବଲ୍‌ରୁ ୩୭ ରନ କରି ରିଟାୟର୍ଡ ହର୍ଟ୍ ହୋଇଥିଲେ। ଏହା ପରେ ଜାଡ଼େଜା ଓ ଶାର୍ଦ୍ଦୁଲ ଠାକୁର ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ୍ ହରାଇ ୨୬୪ ରନ କରିଛି ରବୀନ୍ଦ୍ର ଜାଡ଼େଜା ୧୯ ରନ ଓ ଶାର୍ଦ୍ଦୁଲ ଠାକୁର ୧୯ ରନ କରି ଅପରାଜିତ ଅଛନ୍ତି ।କ୍ରିସ୍ ଓ୍ୱକ୍‌ସ୍‌ଙ୍କ ୬୮ତମ ଓଭରର ଚତୁର୍ଥ ବଲ୍‌ରେ ପନ୍ତ ରିଭର୍ସ ସୁଇପ୍ ଖେଳିବାକୁ ଉଦ୍ୟମ କରିଥିଲେ। ବଲ୍ ପ୍ୟାଡ୍‌ରେ ବାଜିଥିଲା। ଏବଂ ଇଂଲଣ୍ଡ ଖେଳାଳି ଜୋରଦାର ଅପିଲ୍ କରିଥିଲେ। କିନ୍ତୁ ଘରୋଇ ଦଳକୁ କୌଣସି ଫାଇଦା ମିଳି ନ ଥିଲା ।୨୭ ବର୍ଷୀୟ ପନ୍ତ ଆଉଟ୍ ହୋଇ ନ ଥିଲେ ହେଁ ଆଘାତ ଲାଗିବା ପରେ ପଡ଼ିଆରେ ଆଉ ଛିଡ଼ା ହୋଇ ପାରି ନ ଥିଲେ। ଫିଜିଓ ପଡ଼ିଆକୁ ଆସି ଯାଞ୍ଚ କରିଥିଲେ। ଆରମ୍ଭରୁ ଲାଗୁଥିଲା ପନ୍ତଙ୍କୁ ଗୁରୁତର ଆଘାତ ଲାଗିନି। ହେଲେ ୱିକେଟ୍ କିପର ଜୋତା ଖୋଲିବା ପରେ ପାଦ ଫୁଲି ଯାଇଥିବା ଦେଖିବାକୁ ମିଳିଥିଲା। ସେ ପିଚ୍‌ରେ ଅଧିକ ସମୟ ଛିଡ଼ା ହୋଇ ପାରି ନ ଥିଲେ। ଏହା ପରେ ପନ୍ତଙ୍କୁ ମିନି ଆମ୍ବୁଲାନ୍ସ ଜରିଆରେ ପଡ଼ିଆ। ବାହାରକୁ ନିଆଯାଇଥିଲା। ଆଙ୍ଗୁଠିରେ ଆଘାତ ଲାଗିବା କାରଣରୁ ପନ୍ତ ଲର୍ଡ୍ସ ଟେଷ୍ଟରେ ୱିକେଟ୍ କିପିଂ କରି ପାରି ନ ଥିଲା। ଏବେ ପନ୍ତଙ୍କ ନୂଆ। ଆଘାତ ଭାରତର ଚିନ୍ତାକୁ ବଢାଇ ଦେଇଛି। ପନ୍ତଙ୍କ ଆଘାତ କେତେ ଗମ୍ଭୀର ଏବଂ ସେ ଏହି ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ କି ନାହିଁ ସେ ବିଷୟରେ ଆନୁଷ୍ଠାନିକ ଭାବରେ କିଛି କୁହାଯାଇ ନାହିଁ ।

# ଆଇନ ପରିସରଭୁକ୍ତ ହେବ ବିସିସିଆଇ

ନୂଆଦିଲ୍ଲୀ, ୨୩।୭: କେନ୍ଦ୍ର କ୍ରିଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଲୋକସଭାରେ ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ବିଲ୍-୨୦୨୫ ଉପସ୍ଥାପନ କରିଛନ୍ତି ଏହି ବିଧେୟକ ଭାରତୀୟ କ୍ରିଡାରେ ପାରଦର୍ଶିତା, ଉତ୍ତରଦାୟୀ ଓ ଉନ୍ନତ ପ୍ରଶାସନ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି ଏହି ବିଧେୟକ ଅନୁସାରେ ଏକ ଜାତୀୟ ଖେଳ ବୋର୍ଡ (ଏନଏସବି) ଗଠିତ ହେବ, ଯାହା ପାଖରେ ରାଷ୍ଟ୍ରୀୟ ଖେଳ ମହାସଂଘ(ଏନଏସଏଫଏସ) ରହିବ ଯେଉଁଥିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ରହିଛି,ଯାହା ଲାଗି ନିୟମ କରିବା ଦେଖରେଖ ନିମନ୍ତେ ବ୍ୟାପକ ଶକ୍ତି ମଧ୍ୟ ରହିବ।



ଏହି ବିଧେୟକ ରାଷ୍ଟ୍ରୀୟ କ୍ରିଡା ମହାସଂଘ ନିମନ୍ତେ କଡ଼ା ଉତ୍ତରଦାୟୀ ପ୍ରଣାଳୀ ସ୍ଥାପନ କରିବା ଲାଗି ପ୍ରସ୍ତାବ କରୁଛି ।ଏଣୁ ସବୁ ମାନ୍ୟତା ପ୍ରାପ୍ତ ଖେଳ ମହାସଂଘଙ୍କୁ କେନ୍ଦ୍ର ସରକାରଙ୍କଠାରୁ ପାଣ୍ଠି ପ୍ରାପ୍ତ କରିବା ପାଇଁ ଏଣିକି ଏନଏସବିରୁ ମାନ୍ୟତା ନେବାକୁ ପଡିବ ଏନଏସବିରେ ଜଣେ ଅଧକ୍ଷ ଓ ଜଣେ ସଦସ୍ୟ ରହିବେ, ଯେଉଁମାନଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ ବିଧେୟକରେ ଏକ ଜାତୀୟ କ୍ରିଡା ଟ୍ରିବ୍ୟୁନାଲ ଗଠନର ମଧ୍ୟ ପ୍ରସ୍ତାବ ରହିଛି, ଯାହାକୁ ସିଭିଲ କୋର୍ଟର କ୍ଷମତା ମିଳିବ ଏହି ଟ୍ରିବ୍ୟୁନାଲ ମନୋନୟନରୁ ଆରମ୍ଭ କରି ନିର୍ବାଚନ ପର୍ଯ୍ୟନ୍ତ ଖେଳ ମହାସଂଘ ଓ ଖେଳାଳିଙ୍କ ବିବାଦର ସମାଧାନ କରିବ।

ଏହି ଟ୍ରିବ୍ୟୁନାଲର ରାୟକୁ କେବଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ତେବେ ସବୁଠୁ ଖାସ କଥା ଯାହା ତାହା ହେଉଛି ଏହି ବିଧେୟକ ବିସିସିଆଇକୁ ମଧ୍ୟ ନିଜ ପରିସରକୁ ଆଣିବ, ଯାହା ଏ ପର୍ଯ୍ୟନ୍ତ ସରକାର ପାଣ୍ଠି ନେଉ ନଥିବାର ବାହାନା କରି ନିଜକୁ ସ୍ୱାୟତ ବୋଲି ଦାବି କରୁଛି ।କାରଣ କ୍ରିକେଟକୁ ୨୦୨୮ ଲସଏଞ୍ଜେଲସ୍ ଅଲିମ୍ପିକରେ ସାମିଲ କରାଯାଇଛି। ଏଣୁ ବିସିସିଆଇକୁ ମଧ୍ୟ ଏହି ବିଧେୟକର ନିୟମ ପାଳନ କରିବାକୁ ପଡିବ ।

ଏହା ସହିତ ସବୁ ମାନ୍ୟତା ପ୍ରାପ୍ତ କ୍ରିଡା ସଂସ୍ଥା ସୂଚନା ଅଧିକାର ଅଧିନିୟମ ପରିସରକୁ ଆସିବେ, ଯାହାକୁ ବିସିସିଆଇ ପ୍ରଥମରୁ ବିରୋଧ କରି ଆସୁଛି ଜାତୀୟ ଖେଳ କୋଡରେ ପ୍ରଥମେ ପ୍ରଶାସକଙ୍କ ସର୍ବାଧିକ ବୟସ ସୀମା ୭୦ ବର୍ଷ ଥିଲା ତେବେ ନୂଆ। ବିଧେୟକରେ ୭୦-୭୫ ବର୍ଷ ବୟସ୍କଙ୍କୁ ମଧ୍ୟ ନିର୍ବାଚନ ଲଢିବାକୁ ଅନୁମତି ଦେଉଛି, ତେବେ ଅନ୍ତର୍ଜାତୀୟ ଖେଳ ସଂସ୍ଥାଙ୍କ ଏଥିପାଇଁ ଅନୁମତି ଥିବା ଦରକାର । ଏଥିରେ ବିସିସିଆଇ ଅଧକ୍ଷ ରୋଜର ବିନ୍ନି ଯିଏ ନିକଟରେ ୭୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ତାଙ୍କୁ ତାଙ୍କ କାର୍ଯ୍ୟକାଳ ଜାରି ରଖିବାକୁ ସୁଯୋଗ ମିଳିବ ।

# ବିଷ ଓଗାଳିଲେ ଶାହିଦ ଆଫ୍ରିଦି

ଇସଲାମାବାଦ, ୨୩।୭: ବିଶ୍ୱ ଚ୍ୟାମ୍ପିଅନଶିପ ଅଫ ଲିଜେଣ୍ଡସ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ବାତିଲ ହେବା ପରେ ଶାହିଦ ଆଫ୍ରିଦିଙ୍କ ପ୍ରତିକ୍ରିୟା ଆସିଛି । ଏହି ମ୍ୟାଚ୍ ଜୁଲାଇ ୨୦ ତାରିଖରେ ବର୍ମିଂହାମରେ ଖେଳାଯିବାର ଥିଲା, କିନ୍ତୁ ଶିଖର ଧାୱନ, ସୁରେଶ ରାଇନା, ହରଭଜନ ସିଂହ ସମେତ ଭାରତୀୟ ଖେଳାଳିମାନେ ପାକିସ୍ତାନ ସହିତ ଖେଳିବାକୁ ମନା କରିଥିଲେ। ଏହା ପରେ, ଆୟୋଜକମାନେ ମ୍ୟାଚ୍ ବାତିଲ କରି କ୍ଷମା ମାଗିଥିଲେ।





ଶିଖର ଧାୱନ ପୂର୍ବରୁ ସୋସିଆଲ ମିଡିଆରେ ତାଙ୍କ ଚିଠିର ଫଟୋ ଶେୟାର କରି ନିଶ୍ଚିତ କରିଥିଲେ,ସେ ଉଡଖରେ ପାକିସ୍ତାନ ବିପକ୍ଷରେ କୌଣସି ମ୍ୟାଚ୍ ଖେଳିବେ ନାହିଁ। ରିପୋର୍ଟ ଅନୁଯାୟୀ, ହରଭଜନ ସିଂହ, ସୁରେଶ ରାଇନା, ଇରଫାନ ପଠାନ ଏବଂ ୟୁସୁଫ ପଠାନ ମଧ୍ୟ ମ୍ୟାଚ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ପାକିସ୍ତାନ ଚ୍ୟାମ୍ପିଅନ୍ସ ଦଳର ଅଧିନାୟକ ଶାହିଦ ଆଫ୍ରିଦିଙ୍କ ପ୍ରତିକ୍ରିୟା ଆସିଛି, ସେ କହିଛନ୍ତି , ଯଦି ସେମାନେ ଖେଳିବାକୁ ଚାହୁଁ ନ ଥିଲେ ତେବେ ସେମାନଙ୍କୁ ମ୍ୟାଚ୍ ପାଇଁ ଆସିବା ଉଚିତ୍ ନ ଥିଲା।

ଆଫ୍ରିଦି ଭାରତୀୟ ଖେଳାଳିଙ୍କ ମ୍ୟାଚ୍‌ରୁ ଓହରିଯିବା ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, ଇଣ୍ଡିଆ ଚ୍ୟାମ୍ପିଅନ୍ସର ଖେଳାଳିମାନେ ମଧ୍ୟ ଅଭ୍ୟାସ କରିଥିଲେ। ଆମେ ଏଠାକୁ କ୍ରିକେଟ ଖେଳିବାକୁ ଆସିଛୁ। ଯଦି ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବାକୁ ଚାହୁଁ ନ ଥିଲା, ତେବେ ଏଠାକୁ ଆସିବାକୁ ମନା କରିବା ଉଚିତ ଥିଲା। ତୁମେ ଅଭ୍ୟାସ ମଧ୍ୟ କରିଥିଲ ଏବଂ ପରେ ମନା କରିଥିଲ, ହଠାତ୍? ଗୋଟିଏ ଦିନରେ ସବୁକିଛି ନିଷ୍ପତ୍ତି ହୋଇଗଲା। ଖେଳ ଲୋକଙ୍କୁ ନିକଟତର କରେ, କିନ୍ତୁ ଯଦି ସବୁକିଛିରେ ରାଜନୀତି ଆସିଯାଏ, ତେବେ ଆମେ କିପରି ଆଗକୁ ବଢ଼ିବୁ। ଯଦି ଆମେ ବସି କଥା ନ ହୁଅ, ତେବେ କୌଣସି ଉନ୍ନତି ହେବ ନାହିଁ।

କିଛି ଗଣମାଧ୍ୟମ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଭାରତୀୟ ଖେଳାଳିମାନେ ମ୍ୟାଚ୍‌ରୁ ଓହରିଯିବାର ପ୍ରକୃତ କାରଣ ଶାହିଦ ଆଫ୍ରିଦି ଥିଲେ, ଯିଏ ପହଲଗାମ ଆକ୍ରମଣ ପରେ ଭାରତ ବିରୋଧରେ ବୟାନ ଦେଇଥିଲେ। ଏହା ପରେ, ଭାରତୀୟମାନେ କ୍ରୋଧିତ ହୋଇଥିଲେ। ଆଫ୍ରିଦି କହିଥିଲେ ଯେ, ମୁଁ କ୍ରିକେଟ ଆଗରେ କିଛି ନୁହେଁ। ଯଦି ମୁଁ ଜାଣିଥାନ୍ତି ଯେ ମୋ ଯୋଗୁ ମ୍ୟାଚ୍ ବାତିଲ ହେଉଛି, ତେବେ ମୁଁ ପଡ଼ିଆକୁ ଯାଇ ନ ଥାନ୍ତି, କିନ୍ତୁ କ୍ରିକେଟ ଜାରି ରହିବା ଉଚିତ। ଶାହିଦ ଆଫ୍ରିଦି କ୍ରିକେଟ ଆଗରେ କିଛି ନୁହେଁ। ଖେଳ ପ୍ରଥମେ ଆସେ। ଏଥିରେ ରାଜନୀତି ଆଣିବା ଉଚିତ୍ ନୁହେଁ।

# ଲଗାତାର ୧୪ ଥର ଟସ୍ ହାରିଲା ଭାରତ

ମାଞ୍ଚେଷ୍ଟର, ୨୩।୭: ଇଂଲଣ୍ଡ ଓ ଭାରତ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡରେ ବୁଧବାର ଆରମ୍ଭ ହୋଇଛି।ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ଆଉ ଆଣ୍ଡରସନ-ତେନ୍ଦୁଲକର ସିରିଜରେ ଲଗାତାର ଚତୁର୍ଥ ଥର ଟସ୍ ହାରିଛି ଭାରତ ଅଧିନାୟକ ଭାବେ ଶୁଭମନ ଗିଲ୍ ଏ ପର୍ଯ୍ୟନ୍ତ ଗୋଟିଏ ବି ଟସ୍ ଜିତି ପାରି ନାହାନ୍ତି। ଏଥିସହ ଭାରତୀୟ ଦଳର ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଲଗାତାର ସବୁଠୁ ଅଧିକ ଟସ୍ ହାରିବାର ଧାରା ଜାରି ରହିଛି।ଗତ ମ୍ୟାଚ୍‌ରେ ଭାରତ ଲଗାତାର ସବୁଠୁ ଅଧିକ ଥର ଟସ୍ ହାରିବାର ରେକର୍ଡ ନିଜ ନାଁରେ କରିଥିଲା।ଭାରତ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଟସ୍ ହାରିବା ସହ ୱେଷ୍ଟଇଣ୍ଡିଜର ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଲଗାତାର ସବୁଠୁ ଅଧିକ ଟସ୍ ହାରିବାର ରେକର୍ଡକୁ ପଛରେ ପକାଇ ଦେଇଥିଲା ଅନ୍ତର୍ଜାତୀୟ କ୍ରିକେଟରେ ଲଗାତାର ସବୁଠୁ ଅଧିକ ଥର ଟସ୍ ହାରିବାର ରେକର୍ଡ ଭାରତ ନାଁରେ ରହିଛି । ଭାରତ ୨୦୨୫ ଜାନୁଆରୀ ୩୧ରୁ ଜୁଲାଇ ୨୩ ପର୍ଯ୍ୟନ୍ତ ଲଗାତାର ୧୪ ଥର ଟସ୍ ହାରି ସାରିଛି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ୱେଷ୍ଟଇଣ୍ଡିଜ ଇଣ୍ଡିଜ ୧୯୯୯ରେ ଲଗାତାର ୧୨ ଥର ଟସ୍ ହାରିଛି।ଇଂଲଣ୍ଡ ୨୦୨୨ ଡିସେମ୍ବର ୧୭ ରୁ ୨୦୨୩ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ୧୧ ଥର ଟସ୍ ହାରିଥିଲା ।

# ଡେବ୍ୟୁ କଲେ କମ୍ବୋଜ

ମାଞ୍ଚେଷ୍ଟର, ୨୩।୭: ଆଜି ଠାରୁ ମାଞ୍ଚେଷ୍ଟରରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଛି ୪ର୍ଥ ଟେଷ୍ଟ ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଛି ବର୍ତ୍ତମାନ ଆଣ୍ଡରସନ-ତେନ୍ଦୁଲକର ୫ ଟିକିଅ। ସିରିଜରେ ୧-୨ରେ ପଛରେ ଥିବା ଭାରତ ତାର ଚୂଡ଼ାନ୍ତ ଏକାଦଶରେ ୩ଟି ପରିବର୍ତ୍ତନ କରିଛି

ଆହତ ସମସ୍ୟା ଯୋଗୁ ନୀତୀଶ କୁମାର ରେଡ୍ଡୀ ଓ ଆକାଶ ଦୀପ ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଛନ୍ତି ।ସେହିପରି ଖରାପ ଫର୍ମ ପାଇଁ କରୁଣ ନାଏର ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ଏହି ୩ ଖେଳାଳିଙ୍କ ବଦଳରେ ସାଇ ସୁଦର୍ଶନ, ଶାର୍ଦ୍ଦୁଲ ଠାକୁର ଓ ଅଂଶୁଲ କମ୍ବୋଜଙ୍କୁ ସୁଯୋଗ ମିଳିଛି।



କମ୍ବୋଜ ଭାରତ ପାଇଁ ଡେବ୍ୟୁ କରିଛନ୍ତି ୨୪ ବର୍ଷୀୟ ଡାହାଣହାତୀ ମିଡିୟମ ପେସର ଭାରତର ୩୧୮ତମ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ଦେଶକୁ ପ୍ରତିନିଧି କରିବାକୁ ସୁଯୋଗ ପାଇଛନ୍ତି। ଇଂଲଣ୍ଡ ବିପକ୍ଷ ସ୍କ୍ୱାଡରେ କମ୍ବୋଜ ନଥିଲେ। ତାଙ୍କୁ ଶେଷ ଦୁଇ ମ୍ୟାଚ୍ ପାଇଁ ସ୍କ୍ୱାଡରେ ସାମିଲ କରାଯାଇଥିଲା। ଆକାଶ ଦୀପ ଆହତ ହେବାରୁ ତାଙ୍କ ସ୍ଥାନରେ କମ୍ବୋଜଙ୍କୁ ସୁଯୋଗ ମିଳିଛି। କମ୍ବୋଜ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ ପାଇଁ ଦମଦାର ବୋଲିଂ କରିଥିଲେ। କିନ୍ତୁ ତାଙ୍କ ଇଂଲଣ୍ଡରେ ରଖିବା ବଦଳେ ଭାରତ ପଠାଇ ଦିଆଯାଇଥିଲା। ଏବେ ସେ ପୁଣି ଇଂଲଣ୍ଡକୁ ଡାକରା ପାଇ ଯାଇଥିଲେ।

ହରିୟାଣାର ଏହି ବୋଲର ଜଣଙ୍କ ଆଇପିଏଲରେ ନିଜର ଦକ୍ଷତା ସମସ୍ତଙ୍କୁ ଦେଖାଇଥିଲେ। ଏଥିସହ ଗତବର୍ଷ ନଭେମ୍ବର ମାସରେ ରଣଜୀ ଟ୍ରଫି ମୁକାବିଲାରେ କମ୍ବୋଜ ଗୋଟିଏ ଇନିଂସରେ ଏକାକୀ ୧୦ ୱିକେଟ ନେଇ ଚର୍ଚ୍ଚାକୁ ଆସିଥିଲେ। ଏବେ ସେ ଭାରତ ପାଇଁ କିଛି କରିବାକୁ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ ।

ମାଞ୍ଚେଷ୍ଟରରେ ଭାରତର ଶେଷ କ୍ରିକେଟର ଭାବେ ଅନୀଲ କୁମ୍ବଲେ ଟେଷ୍ଟରେ ଡେବ୍ୟୁ କରିଥିଲେ ୧୯୯୦ରେ କୁମ୍ବଲେଙ୍କ ଡେବ୍ୟୁ ହୋଇଥିଲା। ଏବେ କମ୍ବୋଜି ସେହି ମାଞ୍ଚେଷ୍ଟରରେ ୩୫ ବର୍ଷ ପରେ ଭାରତ ପାଇଁ ଡେବ୍ୟୁ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଉଭୟ କୁମ୍ବଲେ ଓ ଅଂଶୁଲଙ୍କ ନାଁରେ ଗୋଟିଏ ଇନିଂସରେ ୧୦ ୱିକେଟ ନେବାର ରେକର୍ଡ ରହିଛି । ୨୦୨୨ ଫେବୃଆରୀରେ କମ୍ବୋଜ ହରିୟାଣା ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ ୨୦୨୪ରେ ସେ କେରଳ ବିପକ୍ଷ ରଣଜୀ ମୁକାବିଲାର ଗୋଟିଏ ଇନିଂସରେ ସମସ୍ତ ୧୦ ୱିକେଟ ନେଇଥିଲେ। ୨୦୨୪ରେ ଆଇପିଏଲରେ ସେ ଡେବ୍ୟୁ କରିଥିଲେ ମୁମ୍ବାଇ ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣିଥିଲା। ୨୦୨୪ରେ ସେ ମାତ୍ର ୩ଟି ମ୍ୟାଚ ଖେଳିଥିଲେ ଓ ଅକ୍ସନ ପୂର୍ବରୁ ମୁମ୍ବାଇ ତାଙ୍କୁ ରିଲିଜ କରି ଦେଇଥିଲା ।୨୦୨୫ରେ ତାଙ୍କୁ ଚେନ୍ନାଇ କିଣିଥିଲା ସେ ମଧ୍ୟ ୨୦୨୫ ଆଇପିଏଲରେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ ।

# ଇଂଲଣ୍ଡ ଖେଳାଳିଙ୍କ ଉପରେ ରାଗିଗଲେ ଗିଲ୍

ମାଞ୍ଚେଷ୍ଟର, ୨୩।୭: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଲର୍ଡସ ଟେଷ୍ଟରେ ଦେଖାଯାଇଥିବା ଉତ୍ତେଜନା ପଛରେ ପ୍ରକୃତ କାରଣ ଏବେ ସାମ୍ନାକୁ ଆସିଛି। ଟିମ ଇଣ୍ଡିଆର ଅଧିନାୟକ ଶୁବମନ ଗିଲ ତୃତୀୟ ଦିନର ଖେଳର ଶେଷ ଓଭରରେ ଘଟିଥିବା ନାଟକୀୟତା ଉପରେ ଏବେ ଏକ ସ୍ପଷ୍ଟ ବୟାନ ଦେଇଛନ୍ତି।ଗିଲ ଜ୍ୟାକ କ୍ରଲିଙ୍କୁ ଖେଳାତ୍ମକ ଭାବନା ଭାଙ୍ଗିଥିବା ଅଭିଯୋଗ ଆଣିଛନ୍ତି।ସେ ଜାଣିଶୁଣି ସମୟ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଲର୍ଡସ ଟେଷ୍ଟରେ ଦୁଇ ଦଳ ମଧ୍ୟରେ ତୀବ୍ର ସ୍ଲେଜିଂ ହୋଇଥିଲା। ଜସପ୍ରିତ ବୁମରା ତୃତୀୟ ଦିନର ଶେଷ ଓଭର ବୋଲିଂ କରୁଥିଲେ। ତାପରେ ଜ୍ୟାକ କ୍ରାଉଲି ରନ-ଅପ ସମୟରେ ପଛକୁ ହଟି ସମୟ ନଷ୍ଟ କରୁଥିଲେ। ଯାହା ଫଳରେ ଭାରତକୁ ଆଉ ଏକ ଓଭର ବୋଲିଂ କରିବାର ସୁଯୋଗ ମିଳିଲା ନାହିଁ। ଏହା ପରେ, ସେ ଗ୍ଲୋଭସ ଉପରେ ବଲ ଲାଗିବାର ଅଭିନୟ କଲେ ଏବଂ ପରେ ପଡ଼ିଆରେ ଡାକ୍ତରୀ ଚିକିତ୍ସା ପାଇଁ ମଧ୍ୟ ଡାକିଲେ। ଭାରତୀୟ ଖେଳାଳିମାନେ ତାଳି ମାରି ତାଙ୍କ ନାଟକକୁ ତାଚ୍ଛଲ୍ୟ କରିଥିଲେ ଏବଂ ଏହା ପରେ ପଡ଼ିଆରେ ଗିଲ ରାଗିଯାଇଥିଲେ। ଗିଲ ପ୍ରେସ କନଫରେନ୍ସରେ କହିଥିଲେ, ଇଂଲଣ୍ଡର ଓପନର୍ ନିର୍ଦ୍ଧାରିତ ସମୟଠାରୁ ୯୦ ସେକେଣ୍ଡ ବିଳମ୍ବରେ କ୍ରିଜ ପହଞ୍ଚିଥିଲେ ଏବଂ ସାରା ଦିନ ସମୟ ନଷ୍ଟ କରୁଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାରେ କ୍ରୋଧିତ ଶୁବମନ ଗିଲ କହିଛନ୍ତି, କ୍ରଲି ଜାଣିଶୁଣି ସମୟ ନଷ୍ଟ କରୁଥିଲେ ଅମ୍ପାୟରମାନେ ହସ୍ତକ୍ଷେପ କରିବା ଉଚିତ ଥିଲା, କିନ୍ତୁ ସେମାନେ କିଛି କହିଲେ ନାହିଁ। ଏହି ପଦ୍ଧତି ଭୁଲ ଥିବାରୁ ମୁଁ ମୋର ରାଗ ଉପରେ ନିୟନ୍ତ୍ରଣ ହରାଇଥିଲି।

# ଇଂଲଣ୍ଡରେ ଇତିହାସ ରଚିଲା ଭାରତୀୟ ମହିଳା କ୍ରିକେଟ ଟିମ୍

ଲଣ୍ଡନ, ୨୩।୭: ଇଂଲଣ୍ଡ ମାଟିରେ ନୂଆ। ଇତିହାସ ସୃଷ୍ଟି କରି ଭାରତୀୟ ମହିଳା କ୍ରିକେଟ ଟିମ ହରମନପ୍ରୀତ କୌରଙ୍କ ଟିମ ଇଣ୍ଡିଆ। ଦିନିକିଆ। କ୍ରିକେଟରେ ନୂଆ। ଅଧ୍ୟାୟ ଯୋଡ଼ିଛି ବୁଧବାର ଭ୍ରମଣକାରୀ ଭାରତୀୟ ଟିମ ଦମଦାର ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆକୁ ୧୩ ରନରେ ଜିତି ନେଇଛି ଏହି ବିଜୟ ସହ ଭାରତୀୟ ଟିମ ୨-୧ରେ ଦିନିକିଆ। ସିରିଜକୁ ମଧ୍ୟ କବଜା କରି ନେଇଛି।




ଅଧିନାୟକ ହରମନପ୍ରୀତ କୌରଙ୍କ ୮୪ ବଲରେ ବିସ୍ଫୋରକ ୧୦୨ ରନ ବଳରେ ଭାରତୀୟ ଟିମ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୩୧୮ ରନ କରିଥିଲା ଜେମିମା ରୋଡ୍ରିଗ୍ସଙ୍କ ବ୍ୟାଟରୁ ମଧ୍ୟ ଅର୍ଦ୍ଧଶତକ ବାହାରିଥିବା ବେଳେ ରିଚା ଘୋଷ ୧୮ ବଲରେ ଅପରାଜିତ ୩୮ ରନର ଇନିଂସ ଖେଳିଥିଲେ।

୩୧୯ ରନର ପିଛା କରୁଥିବା ଇଂଲଣ୍ଡ ବେଶ ଚମତ୍କାର ଢଙ୍ଗରେ ଲଢ଼ିଥିଲା ଅଧିନାୟକ ନାଟ ସ୍କିଭର ବ୍ରଣ୍ଟ ୧୦୫ ବଲରେ ୯୮ ରନ କରିଥିଲେ କିନ୍ତୁ ଇଂଲଣ୍ଡ ୪୯.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୩୦୫ ରନ କରିପାରିଥିଲା ଭାରତ ପକ୍ଷରୁ ଯୁବ ବୋଲର କ୍ରାନ୍ତି ଗୌଡ଼ ଏକାକୀ ୬ ୱିକେଟ ଦଖଲ କରିଥିଲେ ।

ଭାରତ ୧୩ ରନରେ ମ୍ୟାଚ୍ ସହ ସିରିଜକୁ ୨-୧ରେ ଜିତି ନୂଆ। କୀର୍ତ୍ତିମାନ ହାସଲ କରିଛି। ଭାରତ ଇତିହାସରେ ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ମାଟିରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଦିନିକିଆ। ସିରିଜ ଜିତି ପାରିଛି ୨୦୨୨ ଦିନିକିଆ। ସିରିଜରେ ଭାରତୀୟ ଟିମ ୩-୦ରେ ଇଂଲଣ୍ଡକୁ ହରାଇଥିଲା ଭାରତ ବ୍ୟତୀତ ଏଭଳି କୀର୍ତ୍ତିମାନ କେବଳ ଅଷ୍ଟ୍ରେଲିଆ। ମହିଳା ଦଳ ପୂର୍ବରୁ କରିଥିଲା ଏବେ ଭାରତ ଏହି ତାଲିକାରେ ଯୋଡ଼ି ହୋଇ ଯାଇଛି।

ଏହା ପୂର୍ବରୁ ଭାରତୀୟ ମହିଳା ଟିମ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ମଧ୍ୟ ଜିତିଥିଲା ୫ ଟିକିଆ। ଟି-୨୦ ସିରିଜରେ ଘରୋଇ ଇଂଲଣ୍ଡ ୨-୩ରେ ଭାରତ ଠାରୁ ହାରିଥିଲା ଭାରତୀୟ ମହିଳା ଟିମ ପ୍ରଥମଥର ପାଇଁ ଇଂଲିଶ ମାଟିରେ କୌଣସି ଟି-୨୦ ସିରିଜ ଜିତିବାର ନୂଆ। ରେକର୍ଡ ମଧ୍ୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା।

୮୪ ବଲରେ ୧୦୨ ରନର ଇନିଂସ ଖେଳି ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ପୁରସ୍କାର ଜିତିଥିବା ହରମନପ୍ରୀତ କୌର ନୂଆ। ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଇଂଲଣ୍ଡ ମାଟିରେ ଦିନିକିଆରେ ୧୦୦୦ ରନ ପୂରଣ କରିଛନ୍ତି।କିମ୍ବଦନ୍ତୀ କ୍ରିକେଟର ମିତାଲି ରାଜଙ୍କ ପରେ ହରମନପ୍ରୀତ ଦ୍ୱିତୀୟ ଭାରତୀୟ ଭାବେ ଏପରି ସଫଳତା ହାସଲ କରିଛନ୍ତି। ୩୬ ବର୍ଷୀୟ କୌର ଇଂଲିଶ ମାଟିରେ ନିଜର ୩୦ତମ ଦିନିକିଆ। ଖେଳିବା ସହ ୧୦୦୦ ରନ ପୂରଣ କରିପାରିଛନ୍ତି।ଏହା ମଧ୍ୟରେ ୩ଟି ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି।

ଭାରତ ପାଇଁ ମିତାଲି ଇଂଲିଶ ମାଟିରେ ୪୧ଟି ଦିନିକିଆ। ଖେଳି ୧୫୫୫ ରନ କରିଥିଲେ। ସେ ପ୍ରଥମ ଅଣ ଇଂଲିଶ ବ୍ୟାଟର ଯିଏ ଇଂଲଣ୍ଡରେ ୧୦୦୦ କିମ୍ବା ତା ଠାରୁ ଅଧିକ ରନ କରିଥିଲେ।

ହରମନପ୍ରୀତ କୌର ତୃତୀୟ ଭାରତୀୟ ଭାବେ ଦିନିକିଆରେ ୪୦୦୦ ରନ ମଧ୍ୟ ପୂରଣ କରିଛନ୍ତି ତାଙ୍କ ପୂର୍ବରୁ ମିତାଲି ରାଜ(୭୮୦୫) ଓ ସ୍ମୃତି ମନ୍ଧାନା(୪୫୮୮) ରନ ଏପରି ସଫଳତା ହାସଲ କରିଥିଲେ।

# ରସେଲଙ୍କୁ ଗାର୍ଡ ଅଫ ଅନର

ଜାମାଇକା, ୨୩।୭: ୩୭ ବର୍ଷୀୟ ଅଲରାଉଣ୍ଡର ଆଣ୍ଡ୍ରେ ରସେଲଙ୍କୁ ଆଉ କେବେ ୱେଷ୍ଟଇଣ୍ଡିଜ ଜର୍ସିରେ ଦେଖିବାକୁ ମିଳିବ ନାହିଁ ସେ ୨୨ ଜୁଲାଇରେ ଅଷ୍ଟ୍ରେଲିଆ। ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ ଯେଉଁଠାରେ ରସେଲ ଏକ ଝଡ଼ମୟ ଇନିଂସ ଖେଳିଥିଲେ ଏହା ସତ୍ତ୍ୱେ, ତାଙ୍କ ଦଳ ତାଙ୍କୁ ବିଜୟ ସହିତ ବିଦାୟ ଦେବାରେ ବିଫଳ ହୋଇଥିଲେ।



ଅଷ୍ଟ୍ରେଲିଆ। ଦଳ ଏହି ମ୍ୟାଚ ୮ ୱିକେଟରେ ଜିତିଥିଲା ମ୍ୟାଚ ପୂର୍ବରୁ, ଆଣ୍ଡ୍ରେ ରସେଲଙ୍କୁ ଉଭୟ ଦଳର ଖେଳାଳିମାନେ ଗାର୍ଡ ଅଫ ଅନର ଦେଇଥିଲେ। ଏହା ସହିତ, ଏହି କିମ୍ବଦନ୍ତୀ କ୍ରିକେଟରଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ବିଶେଷ ଉପହାର ମଧ୍ୟ ମିଳିଥିଲା।

ୱେଷ୍ଟଇଣ୍ଡିଜ ପାଇଁ ୧୪୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଆଣ୍ଡ୍ରେ ରସେଲ ମଙ୍ଗଳବାର ଶେଷ ଥର ପାଇଁ ଖେଳିଥିଲେ ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ଆରମ୍ଭ ହେବା ପୂର୍ବରୁ ମଧ୍ୟ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ଇଣ୍ଡିଜ ବୋର୍ଡ।

ରେ ଏକ ସ୍ୱତନ୍ତ୍ର ପୋଷ୍ଟ ଜାରି କରି ଜଣାଇଥିଲା ଯେ ତାଙ୍କ ଘରୋଇ ଗ୍ରାଉଣ୍ଡ ଜାମାଇକାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟି୨୦ ତାଙ୍କ ଜୀବନର ଶେଷ ଅନ୍ତର୍ଜାତୀୟ ମ୍ୟାଚ ହେବ। ମ୍ୟାଚ ପୂର୍ବରୁ, ଉଭୟ ଦଳର ଖେଳାଳିମାନେ ତାଙ୍କୁ ଗାର୍ଡ ଅଫ ଅନର ଦେଇ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ ଏହା ପରେ ରସେଲଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ଉପହାର ମଧ୍ୟ ମିଳିଥିଲା ଏହା ଏକ ସ୍ୱତନ୍ତ୍ର ସ୍ମାରକୀ ଥିଲା ଯାହା ବ୍ୟାଟ ଆକୃତିର ଗିଟାର ପରି ଦେଖାଯାଉଥିଲା। ଏଥିରେ ଏକ ଲାଲ ବଲ ମଧ୍ୟ ଲାଗିଥିଲା ଏହା ମାଧ୍ୟମରେ ୱେଷ୍ଟଇଣ୍ଡିଜ ତାଙ୍କୁ ସମ୍ମାନିତ କରିଥିଲା ଏହାର ଏକ ଭିଡିଓ ମଧ୍ୟ ସେମାନଙ୍କର ଅଫିସିଆଲ ହ୍ୟାଣ୍ଡେଲରେ ଅପଲୋଡ କରିଥିଲା।

ଆଣ୍ଡ୍ରେ ରସେଲ ତାଙ୍କ କ୍ୟାରିଅରର ଶେଷ ମ୍ୟାଚରେ ୧୫ ବଲ ରେ ୩୬ ରନର ଏକ ଝଡ଼ମୟ ଇନିଂସ ଖେଳିଥିଲେ। ଯଦି ଆମେ ତାଙ୍କ କ୍ୟାରିଅରକୁ ଦେଖିବା, ୨୦୧୦ରେ ଡେବ୍ୟୁ କରିବା ପରେ, ସେ ୱେଷ୍ଟଇଣ୍ଡିଜ ପାଇଁ ଗୋଟିଏ ଟେଷ୍ଟ, ୫୬ ଦିନିକିଆ। ଏବଂ ୮୫ ଟି ୨୦ ମ୍ୟାଚ ଖେଳିଛନ୍ତି ତାଙ୍କର ଦିନିକିଆରେ ୧୦୩୪ରନ ଅଛି।

ଯେଉଁଥିରେ ୪ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ସେହି ସମୟରେ, ଟି ୨୦ ଆନ୍ତର୍ଜାତୀୟରେ, ସେ ତିନୋଟି ଅର୍ଦ୍ଧଶତକ ସହାୟତାରେ ୧୦୮୬ରନ କରିଥିଲେ। ଏକମାତ୍ର ଟେଷ୍ଟରେ ସେ ୨ ରନ କରିବା ସହିତ ଗୋଟିଏ ୱିକେଟ ନେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ